## ସଂକ୍ଷେପରେ

### ରାଜ୍ୟସ୍ତରୀୟ କ୍ରିକେଟ: ଇନ୍ଦୁପୁର ବିଜୟୀ

ଧର୍ମଶାଳା,୨୪।୧୨(ବଟକୃଷ୍ଣ ପରିଡ଼ା): ଧର୍ମଶାଳା ବ୍ଲକ୍ କୋଟପୁର ପଞ୍ଚାୟତ ଯୁବକ ସଂଘ ଆନୁକୂଲ୍ୟରେ ଜାଗୁଳାଇ ଖେଳପଡ଼ିଆରେ କୋଟପୁର ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟର ଚତୁର୍ଥ ଦିବସ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୟୁନିକ ଇଲେଭେନ ଭଦ୍ରକକୁ ପରାସ୍ତ କରି ଗୋପବନ୍ଧୁ କ୍ରିକେଟ କ୍ଲବ୍ ଇନ୍ଦୁପୁର ବିଜୟୀ ହୋଇଛି। ୟୁନିକ୍ ଇଲେଭେନ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ହରାଇ ୧୪୬ ରନ କରିଥିଲା। ଦଳପକ୍ଷରୁ ଚିତ୍ତରଞ୍ଜନ ପରିଡ଼ା ୩୦ ଓ ରିସବ ରାଜ ୨୫ ରନ କରିଥିଲେ। ଗୋପବନ୍ଧୁ କ୍ରିକେଟ କ୍ଲବର ରିତିକ ଚୌଧୁରୀ ୪ ଉଇକେଟ ନେଇଥିଲେ। ଇନ୍ଦୁପୁର ଟିମ୍ ବ୍ୟାଟିଂ କରି ୧୩.୨ ଓଭରରେ ୭ ଉଇକେଟ ହରାଇ ୧୪୭ରନ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ଗୌରବ ଚୌଧୁରୀ ୬୪ ରନ ଓ ନାରାୟଣ ଗୁପ୍ତା ୪୦ ରନ କରିଥିଲେ। ବିପକ୍ଷ ଦଳର ରିସବ ରାଜ ୪ ଉଇକେଟ ଅକ୍ତିଆର କରିଥିଲେ। ଖେଳକୁ ସୁଜିତ ସାମଲ ଓ ପ୍ରଭାତ ଜେନା ପରିଚାଳନା କରିଥିଲେ।

### କଳାପଥର ବୋଝେଇ ହାଇୱା ଜବତ, ଡ୍ରାଇଭର ଫେରାର

ଜେନାପୁର,୨୪।୧୨(ଅଶୋକ ଦାସ): ବୈରୀ ଡାଳିଜୋଡ଼ା ଫରେଷ୍ଟ ରେଞ୍ଜର ଗଡ଼ମଧୁପୁର ଫରେଷ୍ଟ ଅଧୀନରେ ଥିବା ବେଆଇନ କଳାପଥର ଖାଦାନରେ ବନ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ଏକ ହାଇୱା ଜବତ କରାଯାଇଛି। ଚାଳକ ଫେରାର ହୋଇଯାଇଛନ୍ତି। ଖାଦାନରୁ ହାଇୱା ଯୋଗେ କଳାପଥର ଯାଉଥିବାବେଳେ ବାଲିସାହି ଛକ ରାସ୍ତାରେ ବନ ବିଭାଗ ଅଧିକାରୀ ଗାଡ଼ିକୁ ଅଟକାଇ ଯାଞ୍ଚ କରିଥିଲେ। ଜବତ ହାଇୱାକୁ ବୈରୀ ଡାଳିଜୋଡା ଫରେଷ୍ଟ ରେଞ୍ଜରେ ରଖାଯାଇଥିବା ସୂଚନା ମିଳିଛି। ଚଢ଼ାଉରେ ଗଡ଼ମଧୁପୁର ଫରେଷ୍ଟର ମହମ୍ମଦ ସାକିର ହୁସେନ, ସ୍କ୍ୱାଡ୍ ଏସ୍‌କେ ଜାଭିର, ସମ୍ବିତ ରାଉତ ଓ ରାକେଶ ମହାନ୍ତି ପ୍ରମୁଖ ସାମିଲ ହୋଇଥିଲେ।

# ଆନ୍ତଃ କଲେଜ କ୍ରିକେଟ: ମହର୍ଷି କଲେଜ ଚାମ୍ପିୟନ



ଅତିଥିଙ୍କ ସହ ବିଜୟୀ ଦଳର ଖେଳାଳିମାନେ।

ଯାଜପୁରରୋଡ୍,୨୪।୧୨ (ପବିତ୍ର ରଞ୍ଜନ ମହାନ୍ତି): ବ୍ୟାସନଗର କଲେଜ ଖେଳ ପଡ଼ିଆରେ ଚାଲୁଥିବା ଆନ୍ତଃ କଲେଜ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହର୍ଷିକଲେଜ ଭୁବନେଶ୍ୱର ଚାମ୍ପିୟନ ହୋଇଛି। ମହର୍ଷିକଲେଜ ଓ କେନ୍ଦ୍ରାପଡ଼ା କଲେଜ ମଧ୍ୟରେ ଫାଇନାଲ ମ୍ୟାଚ୍ ହୋଇଥିଲା। ଟସ ଜିତି ମହର୍ଷି କଲେଜ ବ୍ୟାଟିଂ ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୨୦ ଓଭରରେ ୪ ଉଇକେଟ ହରାଇ ୧୫୦ରନ କରିଥିଲା। ଦଳ ତରଫରୁ ଦେବଜ୍ୟୋତି ଦାସପଟ୍ଟନାୟକ ୪୩ ଓ ଦିବ୍ୟଜ୍ୟୋତି ଦାସ ପଟ୍ଟନାୟକ ୪୨ ରନ କରିଥିଲେ। କେନ୍ଦ୍ରାପଡ଼ା କଲେଜ ୧୬.୫ ଓଭରରେ ସମସ୍ତ ଉଇକେଟ ହରାଇ ୧୦୮ ରନ କରିଥିଲା। ମହର୍ଷି କଲେଜ ୪୩ ରନ୍‌ରେ ବିଜୟୀ ହୋଇଥିଲା। କଲେଜ ଅଧ୍ୟକ୍ଷ ଦୀଲିପ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ କୋରୋଇ ବିଧାୟକ ଅଶୋକ ବଳ ଯୋଗଦେଇ ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। କ୍ରୀଡ଼ା ସଂସଦ ଉପସଭାପତି କ୍ୟାପ୍ଟେନ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଦିଲୀପ ରାଉତ, ଅମୂଲ୍ୟ କୃଷ୍ଣ ପାଢ଼ୀ, ଅଜୟ ମହାକୁଡ଼, ରଞ୍ଜନ ସାହୁ ଓ ବିବେକାନନ୍ଦ ଜେନା ପ୍ରମୁଖ ଉପସ୍ଥିତ ଥିଲେ। କଲେଜର କର୍ମଚାରୀ ନଟବର ମଲ୍ଲିକଙ୍କୁ ବିଧାୟକ ସମ୍ବର୍ଦ୍ଧିତ କରିଥିଲେ। ଖେଳକୁ ପବିତ୍ର ମଲ୍ଲିକ, ଜ୍ଞାନରଞ୍ଜନ ସ୍ୱାଇଁ, ନିରଞ୍ଜନ ପୃଷ୍ଟି, ଶୁଭମ ସିଂହ ଓ ନଟବର ମଲ୍ଲିକ ପରିଚାଳନା କରିଥିଲେ। ଜୀବନ ବନ୍ଧୁ ଦାସ ଧନ୍ୟବାଦ ଦେଇଥିଲେ।

# ମନ୍ମଥ, ଗିରିଧାରୀ ମେମୋରିଆଲ କ୍ରିକେଟ: ନୂଆଶାସନ ଚାମ୍ପିୟନ

ଛତିଆ,୨୪।୧୨(ସୌମ୍ୟ ରଞ୍ଜନ ସାହୁ): ବଡ଼ଚଣା ବ୍ଲକ ଅନ୍ତର୍ଗତ ଛତିଆ ପାଟଣା କ୍ରିକେଟ କ୍ଲବ ପକ୍ଷରୁ ଅନୁଷ୍ଠିତ ମନ୍ମଥ, ଗିରିଧାରୀ ମେମୋରିଆଲ କ୍ରିକେଟ୍ ଟୁର୍ନାମେଣ୍ଟର ରବିବାର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପାଇକରାପୁର ନୂଆଶାସନ ଦଳ ଚାମ୍ପିୟନ ହୋଇଛି। ସାମାଜିକ କର୍ମୀ ରବୀନ୍ଦ୍ର ପ୍ରଧାନ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇ ମ୍ୟାଚ୍‌କୁ ଉଦ୍‌ଘାଟନ କରିଥିଲେ। ପାଇକରାପୁର ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୧୩୦ ରନ କରି ସମସ୍ତ ଉଇକେଟ ହରାଇଥିଲା। ନୂଆଶାସନ ୧୬ ଓଭରରେ ଆବଶ୍ୟକ ରନ କରି ଚାମ୍ପିୟନ ହୋଇଥିଲା। ମ୍ୟାଚ୍‌ରେ ମ୍ୟାନ୍‌ଅଫ୍‌ଦି ମ୍ୟାଚ୍ ଭାବେ ଗିରିଜା ଦାସଙ୍କୁ ଓ ମ୍ୟାନ୍‌ଅଫ୍ ଦି ସିରିଜ ଭାବେ ନୂଆଶାସନର ପବିତ୍ର ଦାସଙ୍କୁ ପୁରସ୍କୃତ କରାଯାଇଥିଲା। ମୁଖ୍ୟଅତିଥି ଭାବେ କଂଗ୍ରେସ ନେତା ରାଜନାରାୟଣ ମହାପାତ୍ର ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିବା ସହିତ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ସହ ନଗଦ ରାଶି ପ୍ରଦାନ କରିଥିଲେ। ସୁକାନ୍ତ ପ୍ରଧାନ, ସତ୍ୟଜିତ ପାତ୍ର ମ୍ୟାଚ୍ ପରିଚାଳନା କରିଥିଲେ। ସମ୍ମାନିତ ଅତିଥିଭାବେ ଛତିଆ ସରପଞ୍ଚ ରମେଶ ଚନ୍ଦ୍ର ପୃଷ୍ଟି, ଗିରିଜା ଶଙ୍କର ପୃଷ୍ଟି, କ୍ରୀଡ଼ାବିତ ବସନ୍ତ ପ୍ରଧାନ ଓ ବିଭୂତି ଭୂଷଣ ଦାସ ପ୍ରମୁଖ ଯୋଗଦେଇ ଛତିଆ ଅଞ୍ଚଳର ଭେଟେରାନ ଖେଳାଳି ସୁଧୀର ସାହୁ ଓ ବସନ୍ତ ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପାଟଣା କ୍ରିକେଟ କ୍ଲବର ସଦସ୍ୟମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।



ଅତିଥିଙ୍କଠାରୁ ଚାମ୍ପିୟନ ଟିମ୍‌ର ଖେଳାଳିମାନେ ପୁରସ୍କାର ଗ୍ରହଣ କରୁଛନ୍ତି।

### ପାଣିକୋଇଲିରୁ ଉଦ୍ଧାର ଯୁବତୀ ପରିବାରକୁ ହସ୍ତାନ୍ତର

ପାଣିକୋଇଲି,୨୪।୧୨(ବିକାଶ ମଲ୍ଲିକ): ପାଣିକୋଇଲି ବଜାରରୁ ଶୁକ୍ରବାର ଉଦ୍ଧାର ହୋଇଥିବା ଜଣେ ଯୁବତୀଙ୍କୁ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଯୁବତୀ ବଜାରରେ ବସି କାନ୍ଦୁଥିବାବେଳେ ପାଣିକୋଇଲି ପୋଲିସ ତାଙ୍କୁ ଉଦ୍ଧାର କରିଥିଲା। ସେ କଳାହାଣ୍ଡି ଜିଲା ଜୁନାଗଡ଼ ଥାନା ଅନ୍ତର୍ଗତ ମାସିଗାଁ ସାହିର ବୋଲି ଜଣାପଡ଼ିଛି। ୨୨ ବର୍ଷୀୟା ଯୁବତୀ ତାଙ୍କ ପ୍ରେମିକ ସହିତ ଘରୁ ଲୁଚି ପଳାଇ ଆସିଥିଲେ। ପ୍ରେମିକ ତାଙ୍କୁ ନିଶା ଖୁଆଇ ଭୁବନେଶ୍ୱର ବସଷ୍ଟାଣ୍ଡରେ ବାଲେଶ୍ୱର ବସରେ ବସାଇ ଫେରାର ହୋଇଯାଇଥିଲେ। ପାଣିକୋଇଲି ପୂର୍ବରୁ ଯୁବତୀଙ୍କ ନିଶା ଖସିବା ପରେ ପାଖରେ ପ୍ରେମିକଙ୍କୁ ନ ପାଇ ସେ କାନ୍ଦିଥିଲେ। ଏହାଦେଖି ବସ୍ କର୍ମଚାରୀମାନେ ତାଙ୍କୁ ପାଣିକୋଇଲି ବସ୍‌ଷ୍ଟପରେ ଓହ୍ଲାଇ ଦେଇଥିଲେ। ବସରୁ ଓହ୍ଲାଇ ଯୁବତୀ ଜଣକ ବସି କାନ୍ଦୁଥିବାବେଳେ କେତେଜଣ ବ୍ୟକ୍ତି ଏହାଦେଖି ଆମେ ଆପଣଙ୍କ ପାଇଁ ହେଲପିଂ ଗ୍ରୁପର ସଦସ୍ୟମାନଙ୍କୁ ଜଣାଇଥିଲେ। ଗ୍ରୁପ୍ ସଦସ୍ୟମାନେ ପହଞ୍ଚି ଥାନାକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ସମ୍ପୃକ୍ତ ଯୁବତୀଙ୍କୁ ନେଇ ଦାନଗଦୀସ୍ଥିତ ଜାଗୃତି ସର୍ଟ ଷ୍ଟେ ହୋମରେ ରଖିବା ସହ ତାଙ୍କ ପିତାମାତାଙ୍କୁ ଖବର ଦେଇଥିଲା। ପିତାମାତା ଆସିବା ପରେ ପୋଲିସ ଯୁବତୀଙ୍କୁ ତାଙ୍କୁ ହସ୍ତାନ୍ତର କରିଛି।

### ଦୁର୍ଘଟଣାରେ ବାଇକ୍ ଚାଳକ ମୃତ

କଳିଙ୍ଗନଗର,୨୪।୧୨(ଶୁଭାଶିଷ ରାଉତ): ଚୋରଦା-ଡୁବୁରୀ ରାସ୍ତାର ବାରଗଡ଼ିଆ ଛକ ନିକଟରେ ରବିବାର ରାତି ପ୍ରାୟ ୮ଟାରେ ରାସ୍ତା କଡ଼ରେ ଛିଡ଼ା ହୋଇଥିବା ଏକ ଡମ୍ଫରରେ ପିଟିହୋଇ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ମୟୂରଭଞ୍ଜ ଜିଲା ବୁଢ଼ୀ ଖମାରି ଜକଗ୍ରାମର ଅର୍ଜୁନ ମୁର୍ମୁଙ୍କ ପୁଅ ନଣ୍ଡା(୨୯)। ଦୁର୍ଘଟଣାରେ ନଣ୍ଡା ଗୁରୁତର ହୋଇଥିଲେ। ତାଙ୍କୁ କଳିଙ୍ଗନଗର ପୋଲିସ ଉଦ୍ଧାର କରି ଦାନଗଦି ଡାକ୍ତରଖାନାକୁ ପଠାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଦୁର୍ଘଟଣା ପରେ ଡମ୍ଫର ଚାଳକ ଗାଡ଼ି ନେଇ ଫେରାର ହୋଇ ଯାଇଛନ୍ତି।

# ଯୁବ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଯାପିତ



ଜଣେ କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

ଜେନାପୁର,୨୪।୧୨(ଅଶୋକ ଦାସ): ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ଡିଗ୍ରୀ କଲେଜ ମିଳିତ ଆନୁକୂଲ୍ୟରେ ଯୁବ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଏଥରେ ମୁଖ୍ୟ ଅତିଥି ଭାବେ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିବା ସହ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ସମ୍ମାନିତ ଅତିଥି ୧୨ନଂ. ଜୋନ ଜିଲା ପରିଷଦ ସଭ୍ୟା ପ୍ରଣତି ଲେଙ୍କା, ଜେନାପୁର ସରପଞ୍ଚ ସିପ୍ରା ମଳିକ ଯୋଗଦେଇଥିଲେ। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ରବୀନ୍ଦ୍ର ଦାଶ, ଡିଗ୍ରୀ କଲେଜ ଅଧ୍ୟକ୍ଷ ଚିତ୍ତରଞ୍ଜନ ଶତପଥୀଙ୍କ ଅଧ୍ୟକ୍ଷତାରେ ନୋଡାଲ ଅଫିସର ଅଧ୍ୟାପକ ରତ୍ନାକର ନାୟକ, କ୍ରୀଡ଼ା ଅଧିକାରୀ ସୌରେନ୍ଦ୍ର ପଣ୍ଡା, ସାଂସ୍କୃତିକ କାର୍ଯ୍ୟକ୍ରମ ଅଧିକାରୀ କିଶୋର ମିଶ୍ର, ଅଧ୍ୟାପକ କାର୍ତ୍ତିକେଶ୍ୱର ଦାସ, ଡିଗ୍ରୀ କଲେଜ ପରିଚାଳନା କମିଟି ସଭାପତି ଅଶୋକ ସାହୁ ଓ ଦିଲୀପ ବରାଳ ଯୋଗଦେଇ ଛାତ୍ରୀଛାତ୍ର ସାମାଜିକ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ପାଇଁ ଉପେଦେଶ ଦେଇଥିଲେ। ନୋଡାଲ ଅଫିସର ଦାମୋଦୋର ପଣ୍ଡା, ପିଇଟି ଶଙ୍କର୍ଷଣ ଦୋରା, କଳା, ସଂସ୍କୃତି ଅଧିକାରୀ ପ୍ରକାଶ ଚନ୍ଦ୍ର ରଥ, ଚିତ୍ତରଞ୍ଜନ ଜେନା, ଅଧ୍ୟାପିକା ନନ୍ଦିତା ଦୋରା, ଦେବସ୍ମିତା ଦାସ, ହରେକୃଷ୍ଣ ପାଳ ଓ ବିରାଜ ଶଙ୍କର ରାଉତଙ୍କ ସମେତ କଲେଜର ସମସ୍ତ ଅଧ୍ୟାପିକାଅଧ୍ୟାପକ ଏବଂ ଛାତ୍ରୀଛାତ୍ର ସହଯୋଗ କରିଥିଲେ। କରାଯାଇଥିଲା। ଏହି କାର୍ଯ୍ୟକ୍ରମ ୧୩ ଦିନ ଧରି ଚାଲୁରହିଥିଲା।

# ବିଜେଡିର ପ୍ରତିଷ୍ଠା ଦିବସ ପ୍ରସ୍ତୁତି ବୈଠକ

ଚଣ୍ଡିଖୋଲ/ବଡ଼ଚଣା,୨୪।୧୨ (ପ୍ରଦୀପ୍ତ କୁମାର ପୃଷ୍ଟି/ଦିଲୀପ କୁମାର ମହାନ୍ତି): ଆସନ୍ତା ୨୬ ତାରିଖରେ ବିଜେଡିର ପ୍ରତିଷ୍ଠା ଦିବସ ପାଳନ କରାଯିବ। ଏନେଇ ଏକ ପ୍ରସ୍ତୁତି ବୈଠକ ଚଣ୍ଡିଖୋଲ ବିଜୁ କଲ୍ୟାଣ ମଣ୍ଡପ ପରିସରରେ ବଡ଼ଚଣା ବିଜେଡି ବ୍ଲକ ସଭାପତି ଅରବିନ୍ଦ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ଅମର ପ୍ରସାଦ ଶତପଥୀ ଯୋଗଦେଇ ପ୍ରତିଷ୍ଠା ଦିବସ ଛତିଆଠାରେ ପାଳନ କରାଯିବ। ଏଥିରେ ସମସ୍ତ କର୍ମକର୍ତ୍ତା, ପଞ୍ଚାୟତ ପ୍ରତିନିଧି ଓ କର୍ମୀ ସାମିଲ ହୋଇ କାର୍ଯ୍ୟକ୍ରମକୁ ସଫଳ କରିବାକୁ ଆହ୍ୱାନ କରିଥିଲେ। ଅଧିକ ସଂଖ୍ୟାରେ ଯୁବ, ଛାତ୍ର ଓ ମହିଳାମାନଙ୍କୁ ସାମିଲ କରିବାକୁ ପରାମର୍ଶ ଦେଇଥିଲେ। ବୈଠକରେ ଜିଲା ପରିଷଦ ଉପସଭାପତି ଗଣେଶ୍ୱର ବରାଳ, ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନତି ସେନାପତି, ଉପାଧ୍ୟକ୍ଷ ବିଭାଶ ଚନ୍ଦ୍ର ନନ୍ଦ, ଜିଲା ପରିଷଦ ସଭ୍ୟ ଯଟୀନ୍ଦ୍ର ନାୟକ, ଆମ୍ବା ଅଧ୍ୟକ୍ଷ ବିପିନ ବିହାରୀ ଜେନା, ନିରଞ୍ଜନ ସେନାପତି, ସଞ୍ଜୟ ସ୍ୱାଇଁ, ବିଭୁତି ସାମଲ, ଅମିୟ ବିଶ୍ୱାଳ, ପ୍ରକାଶ ପ୍ରଧାନ, ଗିରିଶ ପାତ୍ର, ବାସୁଦେବ ସ୍ୱାଇଁ, ଯୁଗଳ ଖିଲାର ଓ ସଞ୍ଜୟ ବେହେରା ପ୍ରମୁଖ ବହୁ ଦଳୀୟ ପଦାଧିକାରୀ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ମନ୍ଦାକିନୀ ଜେନା ଧନ୍ୟବାଦ ଦେଇଥିଲେ।



## ଟାକରାରେ କ୍ରିକେଟ ଟୁର୍ନାମେଣ୍ଟ

ଦଶପଲ୍ଲା,୨୪।୧୨(ପ୍ରକାଶ କୁମାର ପାଣି) ରବିବାର ଦଶପଲ୍ଲା ବ୍ଲକ ଟାକରା ପଞ୍ଚାୟତରେ ଥିବା ୟୁଥ ୟୁନାଇଟେଡ଼ କ୍ଲବ୍ ତରଫରୁ ୨୧ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଏହି ମୁଖ୍ୟଅତିଥି ଭାବେ ରାଜ୍ୟ ବିଜେଡି ମହିଳା ସେଲ୍‌ର ସମ୍ପାଦିକା ମାମୀ ନାୟକ , ସମ୍ମାନୀତ ଅତିଥି ଟାକରା ପଞ୍ଚାୟତ ସରପଞ୍ଚ ମଦନ କୁମାର ଜାନୀ, ସମିତି ସଭ୍ୟ ପ୍ରଶାନ୍ତ କୁମାର ଦଳବେହେରା ଯୋଗଦାନ କରିଥିଲେ । ଉଦ୍‌ଘାଟନୀ ମ୍ୟାଚ୍ ମକରପ୍ରସାଦ ବନାମ କୁଲୁରୁକୁମ୍ଭା ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ କୁଲୁରୁକୁମ୍ଭା ବିଜୟୀ ହୋଇଥିଲା । ପ୍ରଥମ ଦିନର ମ୍ୟାଚକୁ ୟୁଥ ୟୁନାଇଟେଡ଼ କ୍ଲବ୍‌ର ସଭ୍ୟ ଅଶୋକ କୁମାର ସାହୁ, ପ୍ରତାପ ଚନ୍ଦ୍ର ଦଳବେହେରା ପରିଚାଳନା କରିଥିଲେ। କ୍ଲବ୍‌ର ସଭ୍ୟ ଅନିଲ କୁମାର ପରିଡ଼ା, ପ୍ରିୟବ୍ରତ ଆଚାର୍ଯ୍ୟ, ବାସୁଦେବ ସାହୁ, ଶ୍ରୀକାନ୍ତ ଗୁରୁ, ଅଶୋକ କୁମାର ସାହୁ ସହଯୋଗ କରିଥିଲେ । ଉକ୍ତ ଟୁର୍ନାମେଣ୍ଟ ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ୟୁଥ ୟୁନାଇଟେଡ଼ କ୍ଲବ୍ ତରଫରୁ ସୂଚନା ପ୍ରଦାନ କରାଯାଇଛି ।

## ବିଜେଡିର କର୍ମୀ ସମ୍ମିଳନୀ

ଖଣ୍ଡପଡ଼ା,୨୪।୧୨(ଅଜୟ କୁମାର ମହାରଣା)–ତୃଣମୂଳସ୍ତରରେ ବିଜେଡି ସଙ୍ଗଠନକୁ ମଜଭୁତ କରିବା ଲକ୍ଷ୍ୟ ନେଇ ଖଣ୍ଡପଡା ବ୍ଲକ ଅଧିନ ରୟତ ଢୋଲମରା, କୁମ୍ଭାରପଡା, ବଳଭଦ୍ରପ୍ରସାଦ, କୋସକା ପଞ୍ଚାୟତ ଏବଂ ଖଣ୍ଡପଡା ଏନଏସି ଅଞ୍ଚଳ ପରି ୫ଟି ସ୍ଥାନରେ ବିଜେଡି କର୍ମୀ ସମ୍ମଳନୀ ଇଟି ଆଣ୍ଡ ଆଇଟି ଉପଦେଷ୍ଟା ତଥା ପୂର୍ବତନ ବିଧାୟକ ଅନୁଭବ ପଟ୍ଟନାୟକଙ୍କ ଆବାହକତ୍ୱରେ ଗୁରୁବାର ଓ ଶୁକ୍ରବାର ୨ ଦିନ ବ୍ୟାପୀ ଅନୁଷ୍ଠିତ ହୋଇଯାଇଛି । ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶାସକ ଦଳର ବହୁ ପୁରୁଣା କର୍ମୀ, ବରିଷ୍ଠ ସଙ୍ଗଠକ ଓ ପଞ୍ଚାୟତସ୍ତରୀୟ ଲୋକ ପ୍ରତିନିଧି ଯୋଗଦେଇ ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ । ଆସନ୍ତା ୨୦୨୪ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ଉପସ୍ଥିତ ଦଳୀୟ କର୍ମକର୍ତ୍ତା ଓ ସଙ୍ଗଠକ ଦଳର ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିଥିଲେ ।

# ନୟାଗଡ଼ ଜିଲା ମହୋତ୍ସବ ଉଦ୍‌ଘାଟିତ

ନୟାଗଡ,୨୪।୧୨(ଲୋକନାଥ ମିଶ୍ର): ରବିବାର ଶିତୁଆ ସନ୍ଧ୍ୟାରେ ଶାନ୍ତ ସ୍ନିଗ୍ଧ ପରିବେଶରେ ନୟାଗଡ଼ ଷ୍ଟାଡିୟମରେ ଆରମ୍ଭ ହୋଇଛି ବହୁ ପ୍ରତୀକ୍ଷିତ ନୟାଗଡ ଜିଲା ମହୋତ୍ସବ, ପଲ୍ଲୀଶ୍ରୀ ମେଳା ଓ ପୁସ୍ତକ ମେଳା । ଜିଲା ସଂସ୍କୃତି ପରିଷଦ ଓ ଓରମାସ ଆନୁକୁଲ୍ୟରେ ଆୟୋଜିତ ଏହି ମହୋତ୍ସବକୁ କୃଷି ଓ କୃଷକ ସଶକ୍ତୀକରଣ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରଛନ୍ତି । ସେ ନିଜ ଭାଷଣରେ ନୟାଗଡ଼ର ବିକାଶ ଉପରେ ବାର୍ତ୍ତା ରଖି କହିଥିଲେ ଜିଲା ଏବେ ଯୌବନ ପ୍ରାପ୍ତି କରିଛି । ଆଠଗଡ଼ ଓ ନୟାଗଡ଼ ମଧ୍ୟରେ ସମ୍ପର୍କ ଗଡଜାତିଆ ଅମଳରୁ ରହି ଆସିଛି। ନୟାଗଡ଼ ଜିଲା ଏବେ ବିକଶିତ ଜିଲା ଭାବେ ଓଡ଼ିଶାରେ ପରିଚିତ । ସଶକ୍ତ ଓଡ଼ିଶା ଗଠନ କରିବାକୁ ସେ ଆହ୍ୱାନ ଦେଇଥିଲେ । ସମ୍ମାନିତ ଅତିଥି ରୂପେ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ, ରଣପୁର ବିଧାୟକ ସତ୍ୟ ନାରାୟଣ ପ୍ରଧାନ, ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ ଓ ଉପାଧ୍ୟକ୍ଷ ବିଷ୍ଣୁପ୍ରିୟା ବେହେରା ଯୋଗ ଦେଇଥିଲେ ।

ନୟାଗଡ଼ ଜିଲାପାଳ ରବୀନ୍ଦ୍ର ନାଥ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅନ୍ୟମାନଙ୍କ ମଧ୍ୟରେ ସ୍ୱତନ୍ତ୍ର ଅତିଥି ରୂପେ ରଣପୁର ଏନଏସି ଅଧ୍ୟକ୍ଷା ରଙ୍ଗୀନ ମହାନ୍ତି, ଦଶପଲ୍ଲା ବ୍ଲକ ଅଧ୍ୟକ୍ଷା ସୁନନ୍ଦା ସାହୁ, ୧ ନଂ. ଜିଲା ପରିଷଦ ସଭ୍ୟା ଝିଲି ପ୍ରଧାନ, ୨ ନଂ. ଜିଲା ପରିଷଦ ସଭ୍ୟା ବିରଜାଲକ୍ଷ୍ମୀ ସାହୁ ପ୍ରମୁଖ ଯୋଗ ଦେଇଥିଲେ । ଜିଲା ପରିଷଦ ଉନ୍ନୟନ ଅଧିକାରୀ ସୂଚାରୁ କୁମାର ବଳ, ଅତିରିକ୍ତ ଜିଲାପାଳ ଦିଲୀପ କୁମାର ବଳ, ଉପଜିଲାପାଳ ଶକ୍ତିକାନ୍ତ ରାୟ ମଞ୍ଚାସୀନ ଥିଲେ । ନୟାଗଡ଼ ବିଡିଓ ପଦ୍ମ ଚରଣ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ବରିଷ୍ଠ ସାମାଜିକ କର୍ମୀ ପ୍ରମୋଦ ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିଲେ । ମହୋତ୍ସବର ମୁଖପତ୍ର ଆରଣ୍ୟକ ଅତିଥିଙ୍କ ଦ୍ୱାରା ଉନ୍ମୋଚନ ହୋଇଥିଲା । ଏଥିରେ ବରିଷ୍ଠ ସାମାଜିକ କମୀ ପ୍ରମୋଦ ପଟ୍ଟନାୟକ, ଅବସର ପ୍ରାପ୍ତ ଶିକ୍ଷକ ବିଶ୍ୱନାଥ ନାୟକ, ଆଇନଜୀବୀ ଦଣ୍ଡପାଣି ସ୍ୱାଇଁ, ବରିଷ୍ଠ ଖବରଦାତା ମନାନ ଖାନ, ବ୍ୟବସାୟୀ ରାଧେଶ୍ୟାମ ମହନ୍ତ ପ୍ରମୁଖ ସମ୍ବର୍ଦ୍ଧିତ ହୋଇଥିଲେ । ଜିଲା ସୂଚନା ଲୋକ ସମ୍ପର୍କ ଅଧିକାରୀ ସୁରେନ୍ଦ୍ର କୁମାର ସାହୁ ଓ ଜିଲା ସଂସ୍କୃତି ଅଧିକାରୀ ଟଙ୍କଧର ଭୋଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ମହୋତ୍ସବ ଉଦ୍‌ଘାଟନ ପୂର୍ବରୁ ସର୍କିଟ ହାଉସଠାରୁ ଷ୍ଟାଡିୟମ ପର୍ଯ୍ୟନ୍ତ ଏକ ଶୋଭାଯାତ୍ରା ଆସିଥିଲା । ହରିବୋଲ, ହୁଳହୁଳି, ପାଇକଆଖଡାରେ ଅତିଥିମାନଙ୍କୁ ପାଛୋଟି ନିଆଯାଇଥିଲା ।

ସାଂସ୍କୃତିକ କାର୍ଯ୍ୟକ୍ରମ ନୟାଗଡ଼ ବନ୍ଦନାରୁ ଆରମ୍ଭ ହୋଇଥିଲା ଜିଲା ମହୋତ୍ସବର ସାଂସ୍କୃତିକ ସନ୍ଧ୍ୟା । ଏଥିରେ ନୟାଗଡ଼ ଜିଲାର କଳା, ସଂସ୍କୃତି, ଭାଷା, ସାହିତ୍ୟ, ଲୋକକଳା, ସୌନ୍ଦର୍ଯ୍ୟ, ପୂର୍ବସୂରୀ, ବିଭିନ୍ନ ମନ୍ଦିର ଉପରେ ପର୍ଯ୍ୟବେଶିତ ଥିଲା । ନୟାଗଡ଼ର ଇତିହାସ ମହାନ ବୋଲି ଦର୍ଶାଯାଇଥିଲା । ନୟାଗଡ଼ ପ୍ରଜାମଣ୍ଡଳ ମହିଳା ମହାବିଦ୍ୟାଳୟ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମ ବେଶ ମନକୁ ଛୁଇଁଥିଲା । ସେହିପରି ନୃତ୍ୟ ନିପୁଣା ଭୁବନେଶ୍ୱର ପକ୍ଷରୁ ଓଡିଶୀ ନୃତ୍ୟ ଅନୁରୂପ ଆକର୍ଷଣ ଥିଲା । ପୁଣି କଳାହାଣ୍ଡି କାର୍ତ୍ତବ୍ୟ ଅନୁଷ୍ଠାନର ଘୁମୁରା, ଗଞ୍ଜାମର ଯୋଡିଶଙ୍ଖ ନୃତ୍ୟ ଦର୍ଶକଙ୍କୁ ମଞ୍ଚ ନିକଟରେ ବାନ୍ଧି ରଖିଲା । ମଣ୍ଟୁ ଛୁରିଆଙ୍କ ହାଏରେ ମୋର ସୁନ୍ଦରୀ ବାଲି ନୃତ୍ୟ ସହ ଗୀତରେ ମେଲୋଡି କାର୍ଯ୍ୟକ୍ରମରେ ଦର୍ଶକ ମତୁଆଲା ହୋଇ ନାଚିଥିଲେ ।

**ଉଦ୍‌ଘୋଷକଙ୍କ ପତିଆରାକୁ ସମାଲୋଚନା**

ନୟାଗଡ଼ ଜିଲା ମହୋତ୍ସବ ମଞ୍ଚରେ ସାଂସ୍କୃତିକ କାର୍ଯ୍ୟକ୍ରମ ତୁଳନାରେ ଉଦ୍‌ଘୋଷକ ଅଧିକ ବିରକ୍ତି କରୁଛନ୍ତି। ମଞ୍ଚ ସଂଯୋଜନା ଆଳରେ କିଛି ବ୍ୟକ୍ତି ନିଜର ପ୍ରତିପତି ଜାହିର କରିବାକୁ ଉଦ୍ୟମ କରିବାରୁ ସମାଲୋଚନା ହୋଇଛି। ନେତାଙ୍କୁ ସନ୍ତୁଷ୍ଟ କରିବା ପାଇଁ ମାତ୍ର ୩ ଟି ସାଂସ୍କୃତିକ ନୃତ୍ୟରେ ୫ ଜଣ ସଂଯୋଜକ ମଞ୍ଚ ମଣ୍ଡନ କରିବା ଜିଲ୍ଲା ମହୋତ୍ସବ ସନ୍ଧ୍ୟାକୁ ଶୀତଳ କରି ଦେଇଛି।

**ଖବରଦାତାଙ୍କ ଅସନ୍ତୋଷ**

ପ୍ରସ୍ତୁତି ବୈଠକରେ ବାରମ୍ବାର କହିବା ସତ୍ତ୍ୱେ ଖବରଦାତାଙ୍କ ପାଇଁ ଉର୍ଦ୍ଦିଷ୍ଟ ଚେୟାରରେ ବହୁ ସଂଖ୍ୟାରେ ବାହାର ଲୋକ ବସିଥିବା ଦେଖିବାକୁ ମିଳିଥିଲା । ଏପରି କି ଆଗ ଧାଡିର ଚେୟାରରେ କେତେଜଣ ଯୁବକ ବସି ହାତ ଟେକି ଫଟୋ ଉଠାଇବା ସହ ନାଚ କରି ସେଲ୍ଫି ମଧ ନେଉଥିଲେ। ଖବରଦାତାଙ୍କ ପାଇଁ ପାସ୍ କାର୍ଡ କରାଗଲା କିନ୍ତୁ ସମସ୍ତଙ୍କୁ ଦିଆଗଲା ନାହିଁ । ଖବରଦାତଙ୍କ ପାଇଁ ଫୋଲ୍ଡର କିଣାଗଲା କିନ୍ତୁ କିଛି ହାତ ଗଣତି ଲୋକଙ୍କୁ ଦିଆଗଲା। ପ୍ରଶାସନ କଥା ଦେଇ କଥା ନ ରଖିବାରୁ ଖବର ସଂଗ୍ରହ କରୁଥିବା ଖବରଦାତାମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ।



ନୟାଗଡ ଜିଲା ମହୋତ୍ସବକୁ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଉଦ୍‌ଘାଟନ କରୁଛନ୍ତି ।



ମହୋତ୍ସବର ପ୍ରଥମ ସନ୍ଧ୍ୟାରେ ମଣ୍ଟୁ ଛୁରିଆ ସଙ୍ଗୀତ ପରିବେଷଣ କରୁଛନ୍ତି ।



ଯୋଡି ଶଙ୍ଖୁଆ ଦଳର ନୃତ୍ୟ ପ୍ରଦର୍ଶନ ।



# ଭିତରକନିକା ବୁଲିଲେ ୨୫୧୯ ପର୍ଯ୍ୟଟକ

ରାଜନଗର, ୨୪।୧୨ (ଭାସ୍କର ରାଉତରାୟ)

ଏବେ ପର୍ଯ୍ୟଟନ ଋତୁ ଚାଲିଛି। ଦେଶ ବିଦେଶର ପର୍ଯ୍ୟଟକମାନେ ଭିତରକନିକା ଜାତୀୟ ଉଦ୍ୟାନ ପରିଭ୍ରମଣରେ ଆସୁଛନ୍ତି। ରବିବାର ଛୁଟିଦିନ ଥିବାରୁ ଭିତରକନିକାର ବିଭବକୁ ଉପଭୋଗ କରିବାକୁ ପର୍ଯ୍ୟଟକଙ୍କ ଭିଡ ଦେଖିବାକୁ ମିଳିଛି। ଗୋଟିଏ ଦିନରେ ୧୬୧ଟି ବୋଟରେ ୧୯୩୪ଜଣ ପର୍ଯ୍ୟଟକ ନୌବିହାର କରିଥିବାବେଳେ ମୋଟ ୨୫୧୯ ପର୍ଯ୍ୟଟକ ଭିତରକନିକା ବୁଲିଛନ୍ତି। ଜଳପଥରେ ଆସିଥିବା ପର୍ଯ୍ୟଟକମାନେ ଭିତରକନିକାର ଶୋଭାକୁ ନୌବିହାର ମାଧ୍ୟମରେ ଉପଭୋଗ କରିବା ବେଳେ ନଦୀର ଉଭୟ ପାର୍ଶ୍ୱରେ ଖରା ପୋଉଁଥିବା କୁମ୍ଭୀରଙ୍କୁ ଦେଖିବା ସହ ଜଳ ଭିତରେ କୁମ୍ଭୀରଙ୍କ ଜଳକ୍ରୀଡ଼ା ଦେଖି ବିମୋହିତ ହୋଇଥିଲେ। ଡାଙ୍ଗମାଳରେ ପହଞ୍ଚି ଆବଦ୍ଧ ପୋଖରୀରେ ଥିବା ଗୋରୀ ଓ ମଲ୍ଲୀକୁ ଦେଖିଥିଲେ। କୁମ୍ଭୀର ପ୍ରଜନନ କେନ୍ଦ୍ର ବୁଲିବା ସହ ପ୍ରଜନନ କେନ୍ଦ୍ରରେ ଥିବା ଧଳା କୁମ୍ଭୀର ଶ୍ୱେତା, ଡାଙ୍ଗମାଳଠାରେ ଲୁଣା ଜଙ୍ଗଲ ନର୍ସରି, ମ୍ୟୁଜିୟମ, ଶହୀଦ୍ ସ୍ତମ୍ଭ ସମେତ ବୋଟ ଲାଇବ୍ରେରୀ ଦେଖି ବିମୋହିତ ହୋଇଥିଲେ। ଭିତରକନିକାରେ ଥିବା ବିରଳ ବଉଳା କୁମ୍ଭୀର, ଡଲଫିନ୍, ଅଲିଭ୍ ରିଡ୍ଲେ କଇଁଛ, ହରିଣ, ବାର୍‌ହା, ସମ୍ବର, ଫିଶିଂକ୍ୟାଟ୍, ହାଏନା, ଝିଙ୍କ ସହ ପାଣିଗୋଧି, ଅଜଗର, ଅହିରାଜ ଆଦି ସରୀସୃପ ଭଳି ବିରଳ ପ୍ରାଣୀ ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ। ଏଥିସହ ଅଭୟାରଣ୍ୟରେ ହେନ୍ତାଳବଣ ଓ ୬୩ ପ୍ରକାରର ଲୁଣା ଜଙ୍ଗଲ ରହିଛି। ହେନ୍ତାଳ, ସୁନ୍ଦରୀ, ଶିଶୁମାର, କେରୁଆଁ, ରାଇ, ବଣି, ଗରଣି, ଖରସି, ବନ୍ଦରୀ, ପାଣିଆମ୍ବ, ସିଙ୍ଗଡା, ପୀତାମ୍ବରି, ପିତକୋରୁଆ ଭଳି ବିରଳ ଉଦ୍ଭିଦ ସହିତ ମନୋରମ ପ୍ରକୃତି ଓ ପରିବେଶ କେବଳ ପଶୁପକ୍ଷୀଙ୍କୁ ସୁହାଉନି, ଏହା ପର୍ଯ୍ୟଟକଙ୍କ ମନ ମଧ୍ୟ କିଣି ନେଇଛି। ସବୁଠୁ ଅଧିକ କେନ୍ଦ୍ରବିନ୍ଦୁ ପାଲଟିଛି ଡାଙ୍ଗମାଳ କୁମ୍ଭୀର ପ୍ରଜନନ କେନ୍ଦ୍ର ମଧ୍ୟରେ ଥିବା ୨ ଫୁଟର ଆଉ ଏକ ଧଳା କୁମ୍ଭୀର। ଏହାବାଦ୍ ମ୍ୟୁଜିୟମ୍‌ରେ ୧୯ ଫୁଟ୍ ଓ ୧୭ ଫୁଟ୍ ଲମ୍ବର ବିରାଟକାୟ ଦୁଇଟି ବଉଳା କୁମ୍ଭୀରଙ୍କ କଙ୍କାଳ ସହିତ ଭିତରକନିକାରେ ଥିବା ପ୍ରାୟ ସମସ୍ତ ସ୍ତନ୍ୟପାୟୀ ଓ ସରୀସୃପ ପ୍ରାଣୀଙ୍କ କଙ୍କାଳ। ପ୍ରକୃତି ଓ ପରିବେଶ ମଧ୍ୟରେ ଭିତରକନିକାକୁ ପାଖରେ ଦେଖିବା ପାଇଁ ଏବେ ପ୍ରତିଦିନ ଶହ ଶହ ସଂଖ୍ୟାରେ ପର୍ଯ୍ୟଟକ ଭିଡ ଜମାଉଛନ୍ତି। ଖୋଲା ଏଣ୍ଟ୍ରି ପଏଣ୍ଟ ଦେଇ ୭୮ଟି ବୋଟରେ ୮୮୯ଜଣ ପର୍ଯ୍ୟଟକ ଭିତରକନିକାର ଶୋଭା ଉପଭୋଗ କରିଥିବା ବେଳେ ଗୁପ୍ତି ଏଣ୍ଟ୍ରି ପଏଣ୍ଟ ଦେଇ ୨୭ଟି ବୋଟରେ ୩୬୯ଜଣ, ଚାନ୍ଦବାଲି ଏଣ୍ଟ୍ରି ପଏଣ୍ଟ ଦେଇ ୧୫ଟି ବୋଟରେ ୧୬୮ଜଣ, ଡାଙ୍ଗମାଳ ଏଣ୍ଟ୍ରି ପଏଣ୍ଟ ଦେଇ ୧୦୮୩ଜଣ ଭିତରକନିକାର ଶୋଭା ଉପଭୋଗ କରିଛନ୍ତି। ଡାଙ୍ଗମାଳ ଏଣ୍ଟ୍ରି ପଏଣ୍ଟ ଦେଇ ଆସିଥିବା ୧୦୮୩ ଜଣଙ୍କ ମଧ୍ୟରୁ ୪୧ଟି ବୋଟରେ ୫୧୦ଜଣ ପର୍ଯ୍ୟଟକ ଡାଙ୍ଗମାଳରୁ ଜଳପଥରେ ଭିତରକନିକାର ଶୋଭା ଉପଭୋଗ କରିଛନ୍ତି। ମହାନଦୀ, ବ୍ରାହ୍ମଣୀ ଓ ବୈତରଣୀ ନଦୀର ତ୍ରିକୋଣଭୂମି ପାଲଟି ଯାଇଛି ଏବେ ପର୍ଯ୍ୟଟକମାନଙ୍କର ଭୂସ୍ୱର୍ଗ। ଜାତୀୟ ଉଦ୍ୟାନରେ ଭିଡ଼ ଜମାଇଥିବା ଅଷ୍ଟ୍ରେଲିଆ, ଆଫ୍‌ଗାନିସ୍ତାନ, ଆମେରିକା, ପାକିସ୍ତାନ, ଜାପାନ, ଶ୍ରୀଲଙ୍କା, ବାଂଲାଦେଶ ଆଦି ବିଦେଶୀ ପକ୍ଷୀମାନଙ୍କ ସହ ଦେଶୀୟ ପକ୍ଷୀଙ୍କ କାକଳିରେ ପର୍ଯ୍ୟଟକ ବିମୋହିତ ହୋଇପଡୁଛନ୍ତି।


ପର୍ଯ୍ୟଟକମାନେ ନୌବିହାର ସାରି ଘାଟରେ ବୋଟ୍‌ରୁ ଓହ୍ଲାଉଛନ୍ତି।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ କୁନାଲ


@ ଲିକୁନ୍


@ ଭାରତ


@ ସୌମ୍ୟରଞ୍ଜନ


@ ଶୁଭମ୍

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ୩୧୭ ଛାତ୍ରୀଛାତ୍ରଙ୍କୁ ମେଧାବୃତ୍ତି ପ୍ରଦାନ

କେନ୍ଦ୍ରାପଡ଼ା, ୨୪।୧୨ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲାର ଆର୍ଥିକ ଅନଗ୍ରସର ୩୧୭ ଛାତ୍ରୀଛାତ୍ରଙ୍କୁ ବାଞ୍ଛାନିଧି ଦାସ-ଶ୍ରୀମତୀ ଦେବୀ ଚାରିଟେବୁଲ୍ ଟ୍ରଷ୍ଟ ପକ୍ଷରୁ ମେଧାବୃତ୍ତି ରବିବାର ପ୍ରଦାନ କରାଯାଇଛି। ଏଥିସହ ଟ୍ରଷ୍ଟ ପକ୍ଷରୁ ତୁଳସୀ କ୍ଷେତ୍ର ସମ୍ମାନ ଶିକ୍ଷାବିତ୍ ଲଳିତମୋହନ ପଟ୍ଟନାୟକ, ଡା. ମହେନ୍ଦ୍ର ତ୍ରିପାଠୀଙ୍କୁ ପ୍ରଦାନ କରାଯାଇଛି। ସେହିପରି ଡ. ବୀଣା ସିଂହ, ଇଂ. ଚନ୍ଦ୍ରଶେଖର ମହାନ୍ତି, ଇଂ. ବିଦ୍ୟୁତ କୁମାର ରଥ, ଇଂ. ରାଜକିଶୋର ପତି, ଡ. ସୋନାଲିକା ପଟ୍ଟନାୟକ, ଡ. ବିରଜା ରାଉତରାୟ ଓ ଡା. ସ୍ନେହଲତା କାନୁନ୍‌ଗୋଙ୍କୁ କ୍ୟାଥେଲିନ ଦାସ ସେବା ସମ୍ମାନରେ ସମ୍ମାନିତ କରାଯାଇଥିଲା। ସହରର ଟାଉନହଲଠାରେ ଟ୍ରଷ୍ଟର ପୃଷ୍ଠପୋଷକ ଆମେରିକାସ୍ଥିତ ଆଲାସ୍କା ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. ଦେବେନ୍ଦ୍ର କୁମାର ଦାସଙ୍କ ଅଧ୍ୟକ୍ଷତାରେ ଏହି ମେଧାବୃତ୍ତି ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ସଂଯୋଜକ ପ୍ରଦୀପ କୁମାର ମହାନ୍ତିଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ଡା. ହୃଦୟାନନ୍ଦ ପଟ୍ଟନାୟକ, ଡ. ସୋନାଲିକା, ଇଂ. ମହାନ୍ତି, ଇଂ. ରଥ, ଇଂ. ପତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ କହିଥିଲେ, ଏହାର ପୃଷ୍ଠପୋଷକ ଡ. ଦାସ ଆମେରିକାରେ ରହି ୧୩ବର୍ଷଧରି ମେଧାବୀ ଛାତ୍ରୀଛାତ୍ରଙ୍କୁ ସହଯୋଗ କରି ଆସୁଛନ୍ତି। ଏଥିସହ ବିଭିନ୍ନ ସମୟରେ ଜିଲାର ବିଭିନ୍ନ ସାମାଜିକ କାର୍ଯ୍ୟରେ ପୃଷ୍ଠପୋଷକତା କରୁଛନ୍ତି। ଫଳରେ ବହୁ ଛାତ୍ରୀଛାତ୍ର ଉପକୃତ ହୋଇପାରୁଛନ୍ତି। ଅରୁଣ ପ୍ରସାଦ ଦାସ, ଅଜିତ ସାମଲ, ଜ୍ୟୋତିରଞ୍ଜନ ନାୟକ, ଅଶୋକ କୁମାର ସାହୁ, ପ୍ରମୋଦ କୁମାର ମହାପାତ୍ର, ଭୁବନ ମୋହନ ଦାସ ପ୍ରମୁଖ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।


ଅତିଥିମାନେ କୃତୀ ପିଲାଙ୍କୁ ପୁରସ୍କୃତ କରୁଛନ୍ତି।

# କଳାକାରଙ୍କ ନୃତ୍ୟ, ଗୀତରେ ଦର୍ଶକ ବିଭୋର

## ଦ୍ୱାଦଶ ଡେରାବିଶ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା


ପାରାଦୀପର ବ୍ଲାକ ସ୍ୱାଇଡରର କଳାକାରଙ୍କ ଦ୍ୱାରା ନୃତ୍ୟ ପରିବେଷଣ।

ଡେରାବିଶ, ୨୪।୧୨ (ବେବର୍ତ୍ତା ଅଜୟ ଦାସ)

କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ ଅଧୀନ ଗୋଲରାହାଟ ପଞ୍ଚାୟତଠାରେ ଥିବା ମିନି ଷ୍ଟାଡ଼ିୟମରେ ଅନୁଷ୍ଠିତ ଦ୍ୱାଦଶ ଡେରାବିଶ ମହୋତ୍ସବର ରବିବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ସୁନ୍ଦରଗଡ଼ ସଙ୍ଗଡ଼ିଆ ପୋସ୍ ଝୁମର ଦଳ କଳାକାର ଓ କେନ୍ଦ୍ରାପଡ଼ା ଶ୍ରୀନୃତ୍ୟ କେନ୍ଦ୍ର କଳା ପ୍ରତିଷ୍ଠାନ ଓ ପାରାଦୀପର ବ୍ଲାକ ସ୍ୱାଇଡରର କଳାକାରଙ୍କ ଦ୍ୱାରା ନୃତ୍ୟ ଗୀତ ଶୀତୁଆ ସନ୍ଧ୍ୟାରେ ଦର୍ଶକଙ୍କୁ ବିଭୋର କରିଥିଲା। ଡେରାବିଶ ସାଂସ୍କୃତିକ ସଙ୍ଗଠନ ଓ କେନ୍ଦ୍ରାପଡ଼ା ଜିଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଡେରାବିଶ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ସାଂସ୍କୃତିକ ସଙ୍ଗଠନର ଉପଦେଷ୍ଟା ତଥା ଡେରାବିଶ ବ୍ଲକର ପୂର୍ବତନ ଅଧ୍ୟକ୍ଷ ସରୋଜକାନ୍ତ ସାହୁ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ କେନ୍ଦ୍ରାପଡ଼ା ଅତିରିକ୍ତ ଜିଲାପାଳ ନିଲୁ ମହାପାତ୍ର, ମୁଖ୍ୟବକ୍ତା ଭାବେ ସାଂସ୍କୃତିକ ସଙ୍ଗଠନର ଅନ୍ୟତମ ଉପଦେଷ୍ଟା ପ୍ରାଧ୍ୟାପକ ଅଜୟ କୁମାର ରାଉତ, ସମ୍ମାନିତ ଅତିଥି ଭାବେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଆଲୋକ କୁମାର ମହାନ୍ତି, ଜିଲା ସଂସ୍କୃତି ଅଧିକାରୀ ସନ୍ତୋଷ କୁମାର ସାହୁ, ଡେରାବିଶ ତହସିଲଦାର ପ୍ରଜ୍ଞାପାରମିତା ପୃଷ୍ଟି ଯୋଗଦେଇଥିଲେ। ଅତିଥିମାନେ ଆଗାମୀ ପିଢ଼ିକୁ ସଂସ୍କୃତିସମ୍ପନ୍ନ ଓ ଅଞ୍ଚଳର ସାମୂହିକ ବିକାଶ ପାଇଁ ଜିଲାରେ ଏକମାତ୍ର ଏପରି ମହୋତ୍ସବ ୯ଦିନ ଧରି ସଫଳତାର ସହ ଆୟୋଜନ କରୁଥିବା ଆୟୋଜକମାନଙ୍କୁ ସାଧୁବାଦ ଜଣାଇଥିଲେ। ସଂସ୍କୃତି ଓ ଭାଇଚାରାକୁ ମହୋତ୍ସବ ପ୍ରତିଷ୍ଠା କରିଥାଏ ବୋଲି ଅତିଥିମାନେ ବକ୍ତବ୍ୟରେ ଉଲ୍ଲେଖ କରିଥିଲେ। ଅଧ୍ୟାପକ ଗୋଲକ ଚନ୍ଦ୍ର ମହାଭୋଇ ଅତିଥି ପରିଚୟ ପ୍ରଦାନ ଓ ରାଜକିଶୋର ମଲ୍ଲ ଧନ୍ୟବାଦ ଦେଇଥିଲେ। ମଞ୍ଚ ପରିଚାଳନା ଅତୁଲ୍ୟ କୁମାର ରଥ କରିଥିବା ବେଳେ କାର୍ଯ୍ୟକ୍ରମକୁ ସମ୍ପାଦକ ଅଧ୍ୟାପକ ଗୁରୁଚରଣ ସେଠୀ, ମହେନ୍ଦ୍ର କୁମାର ସିଂ, ସାହାଜାହାନ୍ ଖାଁ ପ୍ରମୁଖ ପରିଚାଳନା କରିଥିଲେ।

# ଭୂମିଲଗ୍ନା ପୁସ୍ତିକା ଉନ୍ମୋଚିତ

କେନ୍ଦ୍ରାପଡ଼ା, ୨୪।୧୨ (ଜଗନ୍ନାଥ ଧଳ)



କେନ୍ଦ୍ରାପଡ଼ା ଜିଲା ସାହିତ୍ୟ ପରିଷଦର ମୁଖପତ୍ର ଭୂମିଲଗ୍ନା ରବିବାର ଉନ୍ମୋଚିତ ହୋଇଛି। ସହରର ଗୋପସ୍ଥିତ କମଲ ଭବନଠାରେ ଆୟୋଜିତ ଉତ୍ସବରେ ସଭାପତି କବି ଅପର୍ଣ୍ଣା ମହାନ୍ତି ଅଧ୍ୟକ୍ଷତା କରିଥିଲେ। ଏଥିରେ ବିଶିଷ୍ଟ କଥାକାର ଡ. ରାମଚନ୍ଦ୍ର ବେହେରା, କବି ଅଭୟ ବେହେରା, ଶିକ୍ଷାବିତ୍ ଭୁବନ ମୋହନ ଜେନା, କବି ନିରାକାର ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ସାମ୍ପ୍ରତିକ ସମୟର ସାହିତ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ପରିଷଦର ମୁଖପତ୍ର ଭୂମିଲଗ୍ନାକୁ ଅତିଥିମାନେ ଉନ୍ମୋଚିତ କରିଥିଲେ। କବି ସନାତନ ବେହୁରା, ନେତ୍ରାନନ୍ଦ ଦାସ, ଶରତ ଚନ୍ଦ୍ର ମହାପାତ୍ର, ନୃସିଂହ ଚନ୍ଦ୍ର ରାଉତ, ଫକୀର ଚରଣ ଓଝା, ଯଦୁମଣୀ ସାହୁ, କୃତ୍ତିବାସ ଜେନା, ଦିବାକର ମହାନ୍ତିଙ୍କୁ ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ କୃତିତ୍ୱ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ପାଦକ ସରୋଜ କୁମାର ମହାନ୍ତି ପରିଷଦର ବାର୍ଷିକ ବିବରଣୀ ଉପସ୍ଥାପନା କରିଥିଲେ। କବି ମାତୃଦତ୍ତ ମହାନ୍ତି, ଡ. ଅରବିନ୍ଦ ଧଳ ପ୍ରମୁଖ ଏହି ଉତ୍ସବକୁ ପରିଚାଳନା କରିଥିଲେ।

# ଗହୀରମଥାରୁ ଟ୍ରଲର ଜବତ, ୧୭ ମତ୍ସ୍ୟଜୀବୀ ଗିରଫ



ରାଜନଗର, ୨୪।୧୨ (ଭାସ୍କର ରାଉତରାୟ)

ବିରଳ ଅଲିଭରିଡ୍‌ଲେ କଇଁଛଙ୍କ ଅନ୍ତୁଡ଼ିଶାଳ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟରେ ବେଆଇନ ଭାବେ ମାଛ ମାରୁଥିବା ବେଳେ ବନ ବିଭାଗ ଗୋଟିଏ ଟ୍ରଲର ଜବତ କରିବା ସହ ୧୭ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରିଛି। ଗହୀରମଥା ଫରେଷ୍ଟର ପ୍ରଫୁଲ୍ଲ କୁମାର ମାଝିଙ୍କ ନେତୃତ୍ୱରେ ବନ ବିଭାଗ ପାଟ୍ରୋଲିଂ ଟିମ୍ ଗଭୀର ସମୁଦ୍ରରେ ପଇଁତରା ମାରୁଥିବା ବେଳେ ମାଦଳି ମାଉଥ୍ ନିକଟରେ ବେଆଇନ ଭାବେ ମାଛ ମାରୁଥିବା ମା' ଜାହାଜୀ ମଙ୍ଗଳା-୨ ନାମକ ଟ୍ରଲର ଜବତ କରିଥିଲେ। ଟ୍ରଲରରେ ଥିବା ଶ୍ରୀମନ୍ତ ମଣ୍ଡଳ, ରବୀନ୍ଦ୍ର ମଣ୍ଡଳ, ବଳରାମ ଦାସ, ଶ୍ରୀମନ୍ତ ରଣା, ବିଜୟ ମଣ୍ଡଳ, ମଧୁସୂଦନ ମାଇତି, କାଳିପଦ ମଣ୍ଡଳ, ପ୍ରଫୁଲ୍ଲ ମଣ୍ଡଳ, ବଟୁଲି ମଣ୍ଡଳ, ରବୀନ୍ ମଣ୍ଡଳ, ବୁଦ୍ଧିରାମ ମଣ୍ଡଳ, ଅମଳ ରଣା, ଶମ୍ଭୁ ମଣ୍ଡଳ, ଶଙ୍କର୍ଷଣ ମଣ୍ଡଳ, ସମ୍ଭୁ ସାହୁ, ସୁରେଶ ମଲ୍ଲିକ ପ୍ରମୁଖ ମତ୍ସ୍ୟଜୀବୀଙ୍କୁ ଗିରଫ କରାଯାଇଛି। ଜବତ ଟ୍ରଲରରୁ ୧ଟି ଜିପିଏସ୍, ୪ଟି ଭିଏଚ୍‌ଏଫ୍, ଫିଶ୍ ଫାଇଣ୍ଡର ୧ଟା, ୨୧୭ ଫୁଟ ଜାଲ ସହ ୧୦ କେଜି ସାମୁଦ୍ରିକ ମାଛ ଜବତ କରାଯାଇଛି।

# ଆଳି ବିକାଶ ମଞ୍ଚ: କୃତୀ ପ୍ରତିଭାଙ୍କୁ ସମ୍ବର୍ଦ୍ଧନା

ଆଳି, ୨୪।୧୨ (ବନମାଳୀ ସେନାପତି)

ଆଳି ବିକାଶ ମଞ୍ଚ ପକ୍ଷରୁ ରବିବାର ପୂର୍ବାହ୍ନରେ ନିଆଳ ସହଦେବ ନୋଡାଲ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ପ୍ରତିଭା ସମ୍ମାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଆଳି ବିକାଶ ମଞ୍ଚର ସଭାପତି ପ୍ରଫୁଲ୍ଲ କୁମାର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଆଳି ବିଇଓ ନଳିନୀ ରଞ୍ଜନ ରାଉତରାୟ ଯୋଗଦେଇ ଏଭଳି ନିଆରା ପ୍ରୟାସକୁ ପ୍ରଶଂସା କରିଥିଲେ। ଦୀର୍ଘଦିନ ହେବ ଆଳି ଅଞ୍ଚଳର କେତେଜଣ ବ୍ୟକ୍ତି ଯେଉଁମାନେ ଆଳି ବାହାରେ ରହୁଛନ୍ତି ସେମାନଙ୍କୁ ନେଇ ଗଠନ ହୋଇଥିବା ଆଳି ବିକାଶ ମଞ୍ଚ ପକ୍ଷରୁ ନିଜ ଅଞ୍ଚଳ ନିମନ୍ତେ ନିଆଯାଉଥିବା ଏଭଳି ପଦକ୍ଷେପକୁ ପ୍ରଶଂସା କରିଥିଲେ। ସମ୍ବର୍ଦ୍ଧିତ ପ୍ରତିଭାମାନଙ୍କୁ ସଫଳତାର ଶିଡ଼ି ଚଢ଼ି ଯେତେ ଉପରକୁ ଗଲେ ମଧ୍ୟ ନିଜ ଜନ୍ମମାଟିକୁ ନ ଭୁଲି ନିଜର ଅଞ୍ଚଳ ପାଇଁ କିଛି କରିବା ଆବଶ୍ୟକ ବୋଲି ମନ୍ତବ୍ୟ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଉଦକର ସାମଲ, ସହଦେବ ନୋଡାଲ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ସବିତା ଦାଶ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମଞ୍ଚର ଉପଦେଷ୍ଟା ଜ୍ଞାନରଞ୍ଜନ ନାୟକ ଓ ମଞ୍ଚର ସାଧାରଣ ସମ୍ପାଦକ ତ୍ରିଲୋଚନ ଧଳ, କୋଷାଧ୍ୟକ୍ଷ ରାମଚନ୍ଦ୍ର ପାଣ୍ଡବ, ସଭ୍ୟ ଧନେଶ୍ୱର ରାଉତ, ସହଦେବ ସିଂହ, ଶୈଳେନ୍ଦ୍ର ନାଥ ଦାସ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ମଞ୍ଚ ପକ୍ଷରୁ ୨୦୨୩ରେ ଆଳି ବ୍ଲକର ମାଟ୍ରିକ ଟପ୍ପର ହୋଇଥିବା ମାଣିକପାଟଣାର ଅମିତ କୁମାର ପାତ୍ର, ଆଳି କଲେଜରୁ ରାଜନୀତି ବିଜ୍ଞାନରେ ଉତ୍କଳ ବିଶ୍ୱବିଦ୍ୟାଳୟ ଟପ୍ପର ହୋଇଥିବା ପଦନିପାଳର ବିଶ୍ୱଜିତ ପାତ୍ର, ଡାକ୍ତରୀ ପାଠ୍ୟକ୍ରମ ନିମନ୍ତେ ମନୋନୀତ ଠାକୁରପାଟଣାର ଆଦର୍ଶ କୁମାର ନାୟକ, ବାଳକାଟିର ଆଲୋକ ସାହୁ ଓ କଳମଡ଼ାଶାସନର ରୁଦ୍ରପ୍ରସାଦ ଦାଶ, ଓଡ଼ିଶା ପ୍ରଶାସନିକ ସେବା ନିମନ୍ତେ ମନୋନୀତ ହୋଇଥିବା କୋଳିଡିହର ଜୟଜିତ ଧଳ, ମଙ୍ଗରାଜପୁରର ଦେବାଶିଷ ମିଶ୍ର ଓ ଭାରତୀୟ ବନସେବା ନିମନ୍ତେ ମନୋନୀତ ହୋଇଥିବା ସୁଦର୍ଶନପୁର ଗ୍ରାମର ଅମ୍ଲାନ ସାହୁଙ୍କୁ ପୁଷ୍ପଗୁଚ୍ଛ, ଉପଢୌକନ, ମାନପତ୍ର ଓ ଟ୍ରଫି ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ଶିକ୍ଷାବିତ୍ ଅଶୋକ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।


ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ପ୍ରତିଭାମାନେ।

# ୨୬ରୁ ବିପ୍ଳବୀ ଆନନ୍ଦ ଚନ୍ଦ୍ର କ୍ରିକେଟ ଟୁର୍ନାମେଣ୍ଟ

ରାଜକନିକା, ୨୪।୧୨
(ସଞ୍ଜୟ କୁମାର ଦାଶ)

ରାଜକନିକା ବ୍ଲକ ଡାଳିକାଏନ୍ଦା ଗ୍ରାମର କ୍ରୀଡ଼ା ଅନୁଷ୍ଠାନ ବିପ୍ଳବୀ ଆନନ୍ଦ ଚନ୍ଦ୍ର ଯୁବକ ସଂଘ ଆନୁକୂଲ୍ୟରେ ଗୁରୁ ବ୍ରଦର୍ସ ପ୍ରଯୋଜନାରେ ୨୬ତାରିଖଠାରୁ ବିପ୍ଳବୀ ଆନନ୍ଦ ଚନ୍ଦ୍ର ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ଏଥିରେ ରାଜକନିକା, ଆଳି, ଚାନ୍ଦବାଲି ଓ କେନ୍ଦ୍ରାପଡ଼ା ଅଞ୍ଚଳର ୮ଟି ପ୍ରତିଷ୍ଠିତ ଦଳ ଭାଗନେବେ। ଡିସେମ୍ବର ୨୬ରୁ ଜାନୁୟାରୀ ୨ ପର୍ଯ୍ୟନ୍ତ ହେବାକୁ ଥିବା ଏହି ଟୁର୍ନାମେଣ୍ଟର ୧ ତାରିଖ ବିଶ୍ରାମ ଦିବସ ରଖାଯାଇଛି। ଟୁର୍ନାମେଣ୍ଟରେ ସିଟି ସ୍ପୋର୍ଟିଂ ଚାନ୍ଦବାଲି, ମା' ଖରାଖାଇ କ୍ଲବ ଆଳି, କନିକା କ୍ଲବ ରାଜକନିକା, ଆଳି ଟାଉନ କ୍ଲବ ଆଳି, ବହୁରୂପା କ୍ରିକେଟ କ୍ଲବ, ନୂଆପଡ଼ା, ଇନ୍ଦୁପୁର କ୍ରିକେଟ କ୍ଲବ କେନ୍ଦ୍ରାପଡ଼ା, ବିଏସିସିସି ଡାଳିକାଏନ୍ଦା ଏବଂ ନୃସିଂହନାଥ କ୍ରିକେଟ କ୍ଲବ ଭାମଣ୍ଡା ଆଦି ଦଳ ଅଂଶଗ୍ରହଣ କରିବେ ବୋଲି ସଂଘର କର୍ମକର୍ତ୍ତାମାନେ କହିଛନ୍ତି।

# ୟୁନାଇଟେଡ୍ କ୍ଲବକୁ ହରାଇ ସ୍ପୋର୍ଟ୍ସ କ୍ଲବ ଚାମ୍ପିୟନ

## ଶରତ କୁମାର ଦେବ ମେମୋରିଆଲ ଫୁଟ୍‌ବଲ ଟୁର୍ନାମେଣ୍ଟ

ଆଳି, ୨୪।୧୨ (ବନମାଳୀ ସେନାପତି)

ଆଳି ଆଥ୍‌ଲେଟିକ ଆସୋସିଏଶନ ଆନୁକୂଲ୍ୟରେ ୧୭ତାରିଖଠାରୁ ଆଳି ହାଇସ୍କୁଲ ମିନି ଷ୍ଟାଡିୟମ ପରିସରରେ ଆରମ୍ଭ ହୋଇଥିବା ରାଜ୍ୟସ୍ତରୀୟ ୧୭ତମ ଶରତ କୁମାର ଦେବ ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟର ରବିବାର ଫାଇନାଲ ମ୍ୟାଚ ହୋଇଯାଇଛି। ଫାଇନାଲ ମ୍ୟାଚରେ ୟୁନାଇଟେଡ଼ କ୍ଲବ ଗଣ୍ଡରପୁର, ଭୁବନେଶ୍ୱର ଓ ସ୍ପୋର୍ଟ୍ସ କ୍ଲବ କଟକ ମଧ୍ୟରେ ସଂଘର୍ଷପୂର୍ଣ୍ଣ ଖେଳ ଅନୁଷ୍ଠିତ ହୋଇଥିଲା। ଖେଳର ନିର୍ଦ୍ଧାରିତ ସମୟ ମଧ୍ୟରେ ଉଭୟ ଟିମ୍ କେହି କାହାକୁ ଗୋଲ ଦେବାରେ ସକ୍ଷମ ହୋଇ ନ ଥିଲେ। ଟାଇବ୍ରେକର ଜରିଆରେ ୟୁନାଇଟେଡ୍ କ୍ଲବ ଗଣ୍ଡରପୁରକୁ ୪-୩ ଗୋଲରେ ହରାଇ ସ୍ପୋର୍ଟ୍ସ ହଷ୍ଟେଲ କଟକ ଚାମ୍ପିୟନ ହୋଇଛି। ଏହି ଅବସରରେ ଅବସରପ୍ରାପ୍ତ ଅଧ୍ୟାପକ ରମେଶ ଚନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଆଳି ଆଥ୍‌ଲେଟିକ ଆସୋସିଏଶନର ସଭାପତି, ଆଳି ବିଧାୟକ ତଥା ରାଜ୍ୟ ସରକାରଙ୍କ ଶକ୍ତି, ଶିଳ୍ପ ଲଘୁ ଉଦ୍ୟୋଗ ମନ୍ତ୍ରୀ ପ୍ରତାପ କେଶରୀ ଦେବ ଯୋଗଦେଇଥିଲେ। ସେ କହିଥିଲେ, ଖେଳ ସମୟରେ କ୍ରୀଡ଼ାପ୍ରେମୀଙ୍କ ମଧ୍ୟରେ ଥିବା ଉତ୍ସାହ ଗ୍ୟାଲେରି ପରିସରରେ ଦେଖିବାକୁ ମିଳୁଛି। ଏହି ଷ୍ଟାଡିୟମ ଦିନେ ମହିଳା ଫୁଟବଲ ଖେଳାଳିଙ୍କ ଅନ୍ତୁଡ଼ିଶାଳ ପାଲଟିଥିବା ବେଳେ ରାଜ୍ୟ ସରକାରଙ୍କ ଚେଷ୍ଟା କ୍ରମେ ଏହା ଖୁବ୍‌ଶୀଘ୍ର ଏକାଡେମୀରେ ପରିଣତ ହେବାକୁ ଯାଉଛି। ଏଥିନିମନ୍ତେ ରାଜ୍ୟ ସରକାର ପାଖାପାଖି ୧୪ କୋଟି ଟଙ୍କା ଅର୍ଥ ମଞ୍ଜୁର କରିଥିବାରୁ ଏହାର ରୂପରେଖ ଖୁବ୍‌ଶୀଘ୍ର ପରିବର୍ତ୍ତନ ହେବ। ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଦସ୍ୟ ଭୀଷ୍ମ ମହାନ୍ତି, ଆଳି ପଞ୍ଚାୟତ ସମିତି ଅଧ୍ୟକ୍ଷ ମନୋରଞ୍ଜନ ସାମଲ, ଆଳି ଆଥ୍‌ଲେଟିକ ଆସୋସିଏଶନର ସମ୍ପାଦକ ବିଜୟ କୁମାର ସେନାପତି ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ଚାମ୍ପିୟନ ଟିମ୍ ସ୍ପୋର୍ଟ୍ସ ହଷ୍ଟେଲ କ୍ଲବ କଟକକୁ ଟ୍ରଫି ସହିତ ୩୦ ହଜାର ଟଙ୍କାର ଚେକ୍ ଓ ରନର୍ ଅପ ଟିମ୍ ୟୁନାଇଟେଡ୍ କ୍ଲବ ଗଣ୍ଡରପୁରକୁ ଟ୍ରଫି ସହ ୨୦ ହଜାର ଟଙ୍କାର ଚେକ୍ ପ୍ରଦାନ କରିଥିଲେ। ୟୁନାଇଟେଡ୍ କ୍ଲବ ଗଣ୍ଡରପୁର ଫଗୁ ବାସ୍କେଙ୍କୁ ମ୍ୟାନ ଅଫ ଦି ଟୁର୍ନାମେଣ୍ଟ ଓ ସ୍ପୋର୍ଟ୍ସ ହଷ୍ଟେଲ କଟକର ଡି. ସଞ୍ଜୟଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ଅତିଥିମାନେ ପୁରସ୍କୃତ କରିଥିଲେ। ଖେଳ ପରିଚାଳନାରେ ରେଫରି ଭାବେ ଜିତେନ୍ଦ୍ର ସ୍ୱାଇଁ, ସୁଦୀପ ଦାସ, ପ୍ରତାପ ବାହିନୀପତି, ବରୁଣ ପ୍ରଧାନ, ଶରତ ଜେନା, ପହଲି ଜେନା, ଭାଷ୍ୟକାର ଶିବ ପ୍ରସାଦ ମଲ୍ଲିକ ଖେଳ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିର୍ମଳ ବେହେରା ସୁବ୍ରତ ଦାଶ, କୃଷ୍ଣଚନ୍ଦ୍ର ପରିଡା, ମନୋଜ ମହାନ୍ତି, ସତ୍ୟରଞ୍ଜନ ରାଉତ ଏବଂ ଆଥ୍‌ଲେଟିକ ଆସୋସିଏଶନର ସମସ୍ତ ସଦସ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ।


ଚାମ୍ପିୟନ ଦଳର ଖେଳାଳିଙ୍କୁ ଅତିଥିମାନେ ଟ୍ରଫି ଓ ଚେକ୍ ପ୍ରଦାନ କରୁଛନ୍ତି।

# ଶୀତଳଭଣ୍ଡାରରେ ଗୁଡ୍ ସମରିଟାନ ପଲିସି

■ ୫ ବର୍ଷରେ ୩୯ ଜଣ ପାଇଛନ୍ତି ସହାୟତା ରାଶି
■ ଥାନା, କୋର୍ଟର ଭୟ ବାଧକ ସାଜୁଛି
■ ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିଙ୍କୁ ମିଳୁନି ସହଯୋଗ

**ନୟାଗଡ଼ ଅଫିସ,୨୪।୧୨(ଲୋକନାଥ ମିଶ୍ର)**

ଆଖି ଆଗରେ ଦୁର୍ଘଟଣା ଘଟୁଥିବାବେଳେ ଥାନା ଓ କୋର୍ଟର ଭୟ ଥିବାରୁ ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିମାନଙ୍କୁ ସାହାଯ୍ୟ କରିବାକୁ ଆଗ୍ରହ ଥିଲେ ବି ସହଯୋଗ ମିଳୁନି । ପୁଣି ଗୁଡ୍ ସମରିଟାନ ପଲିସିର ସଚେତନତା ନ ଥିବାରୁ ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିଙ୍କୁ ସହଯୋଗ କରିବାକୁ ଆନ୍ତରିକତା ଆସୁନି । ଏ ପରିପ୍ରେକ୍ଷୀରେ ନୟାଗଡ଼ ଜିଲାରେ ୫ ବର୍ଷରେ ମାତ୍ର ୩୯ଜଣ ଏହି ସହାୟତା ରାଶି ପାଇଛନ୍ତି ।

ଦୁର୍ଘଟଣାରେ ଆହତ ବ୍ୟକ୍ତିଙ୍କୁ ସହଯୋଗ କରିବାକୁ ଦୃଷ୍ଟିରେ ରଖି ୨୦୧୪ରେ ଦେଶରେ ଗୁଡ୍ ସମରିଟାନ ପଲିସି ଲାଗୁ କରାଯାଇଛି। ଏହି ପଲିସି ୨୦୧୮ ଫେବୃୟାରୀରୁ ଓଡ଼ିଶାରେ କାର୍ଯ୍ୟକାରୀ ହେଉଛି । ଗୁଡ୍ ସମରିଟାନ ପଲିସି ଅନୁଯାୟୀ ଦୁର୍ଘଟଣାରେ ଆହତ ବ୍ୟକ୍ତିଙ୍କୁ ତୁରନ୍ତ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣି ଚିକିତ୍ସା କରାଇଲେ ସହଯୋଗକାରୀ ଗୁଡ୍ ସମରିଟାନଙ୍କୁ ୨ ହଜାର ଟଙ୍କା ସହ ପୁରସ୍କୃତ କରାଯିବ। ଭଡ଼ାଗାଡ଼ିରେ ଯଦି ଆହତ ବ୍ୟକ୍ତିଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିବେ ତାହା ହେଲେ ଗାଡ଼ି ଭଡ଼ା ମଧ୍ୟ ପ୍ରଦାନ କରାଯିବ। ଏଥିପାଇଁ ଗୁଡ୍ ସମରିଟାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ଥାନାରୁ ପ୍ରମାଣପତ୍ର ଆଣି ଆରଟିଓ କାର୍ଯ୍ୟାଳୟରେ ଦାଖଲ କରିବେ। ଉକ୍ତ ବ୍ୟକ୍ତିଙ୍କୁ କୋର୍ଟ, କଚେରୀର ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବ ନାହିଁ। ହେଲେ ପ୍ରଚାର ପ୍ରସାର ଅଭାବରୁ ଏ ଦିଗରେ ଆଗଭର ହେଉ ନ ଥିବା ଦେଖିବାକୁ ମିଳିଛି। ଯାହା ନଜିର ନୟାଗଡ଼ ଜିଲାରେ ଦେଖିବାକୁ ମିଳିଛି । ୨୦୨୦ରେ ମାତ୍ର ୭ଜଣ, ୨୦୨୨ରେ ୮ଜଣ, ୨୦୨୩ ଏପ୍ରିଲ ମାସ ସୁଧା୨୪ ଗୁଡ୍ ସମରିଟାନ ପୁରସ୍କୃତ ହୋଇଛନ୍ତି। ଅନ୍ୟପକ୍ଷେ ଦୁର୍ଘଟଣାର ପରବର୍ତ୍ତୀ ୧ ଘଣ୍ଟା ସମୟ ଆହତ ବ୍ୟକ୍ତିମାନଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ । ଏହି ସମୟରେ ଯଦି ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତି ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିପାରନ୍ତି ତା'ହେଲେ ତାଙ୍କ ଜୀବନ ବଞ୍ଚି ଯାଇପାରେ। ଏଣୁ ଗୁଡ୍ ସମରିଟାନ ପଲିସି ଉପରେ ଅଧିକ ଗୁରୁତ୍ୱ ଦେବାକୁ ସାଧାରଣରେ ଦାବି ହେଉଛି ।

ଅପରପକ୍ଷେ ଜିଲାରେ ଦିନକୁ ଦିନ ସଡ଼କ ଦୁର୍ଘଟଣା ବୃଦ୍ଧି ପାଇଛି । ଏହା ସାଙ୍ଗକୁ ମୃତକ ଓ ଗୁରୁତରମାନଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଉଛି । ଜିଲାରେ ୨୦୧୮ରେ ୧୧୯, ୨୦୧୯ରେ ୧୦୦,୨୦୨୦ରେ ୮୬, ୨୦୨୧ରେ ୭୪, ୨୦୨୨ରେ ୯୫ ଓ ୨୦୨୩ ନଭେମ୍ବର ମାସ ସୁଦ୍ଧା ୮୯ ଜଣଙ୍କର ସଡ଼କ ଦୁର୍ଘଟଣାରେ ମୃତ୍ୟୁ ହୋଇଛି । ତେବେ ୨୦୨୦ରେ କରୋନା କଟକଣା ସମୟରେ ଶରଣକୁଳରେ ୬ଜଣଙ୍କ ମୃତ୍ୟୁ ସମେତ ୮୬ ଜଣଙ୍କ ମୃତ୍ୟୁ ଜିଲାରେ ଦୁର୍ଘଟଣାର ସ୍ଥିତିକୁ ଦୋହଲାଇ ଦେଇଥିଲା । ଏ ସଂକ୍ରାନ୍ତରେ ଆରଟିଓ ପ୍ରଶାନ୍ତ ପରିଡ଼ା କୁହନ୍ତି, ଗୁଡ୍ ସମରିଟାନ ପଲିସି ସରକାରଙ୍କ ଏକ ଭଲ ବ୍ୟବସ୍ଥା । ଦୁର୍ଘଟଣାରେ ଆକ୍ରାନ୍ତ ବ୍ୟକ୍ତିଙ୍କୁ ଚିକିତ୍ସାଳୟରେ ପହଞ୍ଚାଇବା ପାଇଁ ଆଉ ଭୟ ନାହିଁ । ପ୍ରଶାସନ ପକ୍ଷରୁ ଗତ ଏପ୍ରିଲ ଓ ଡିସେମ୍ବର ମାସରେ ମୃତ୍ୟୁ ଶୂନ୍ୟ ସପ୍ତାହ ପାଳନ କରାଯାଇ ସଚେତନତା କରାଯାଇଛି । ୨୦୨୩ ଏପ୍ରିଲ ମାସ ସୁଧା ୨୪ ଗୁଡ୍ ସମରିଟାନ ପୁରସ୍କୃତ ହୋଇଛନ୍ତି। ସିଡିଏମ୍ଓ ଓ ଏସ୍ପିଙ୍କ ରିପୋର୍ଟ ମିଳିଲେ ଯେଉଁମାନେ ସମରିଟାନ ଭାବେ ନାଁ ଆସିବ ସେମାନଙ୍କୁ ପୁଣି ପୁରସ୍କୃତ କରାଯିବ ବୋଲି ସେ କହିଛନ୍ତି ।

## ସଂକ୍ଷେପରେ

### ପଠାଣି ସାମନ୍ତଙ୍କୁ ଭାରତ ରତ୍ନ ପ୍ରଦାନ ଦାବି

**ରାଷ୍ଟ୍ରପତିଙ୍କୁ ଚିଠି ଲେଖି ଅନୁରୋଧ କଲେ ଭାପୁର ବ୍ଲକ ଉପାଧ୍ୟକ୍ଷ**

**ନୟାଗଡ଼,୨୪।୧୨(ଲୋକନାଥ ମିଶ୍ର)** ଓଡ଼ିଶାର ଗର୍ବ ଓ ଗୌରବ ନୟାଗଡ଼ ଜିଲା ଖଣ୍ଡପଡ଼ା ମାଟିର ସୁଯୋଗ୍ୟ ସନ୍ତାନ ତଥା ମହାମହପାଧ୍ୟାୟ ଚନ୍ଦ୍ର ଶେଖର ସିଂହ ହରିଚନ୍ଦନ ମହାପାତ୍ର ସାମନ୍ତ (ପଠାଣି ସାମନ୍ତ)ଙ୍କୁ ଭାରତ ରତ୍ନ ସମ୍ମାନରେ ସମ୍ମାନିତ ପାଇଁ ଦାବି ଉଠିଛି। ଭାପୁର ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ ଏହି ଦାବି ଉଠାଇ ରାଷ୍ଟ୍ରପତିଙ୍କ ପାଖକୁ ଚିଠି ଲେଖି ଭାରତ ରତ୍ନ ସମ୍ମାନରେ ସମ୍ମାନିତ ପାଇଁ ଅନୁରୋଧ କରିଛନ୍ତି । ଦୁଇ ଖଣ୍ଡ କାଠି ସାହାଯ୍ୟରେ ଗ୍ରହ ନକ୍ଷତ୍ର ଗଣନା କରିଥିବା ଜ୍ୟୋତିର୍ବିଦ ପଠାଣୀ ସାମନ୍ତ ସିଦ୍ଧାନ୍ତ ଦର୍ପଣ ରଚନା କରି କାଳ କାଳ ପାଇଁ ବିଶ୍ୱରେ ଏକ ସ୍ଥାନ ସୃଷ୍ଟି କରି ପାରିଛନ୍ତି। ସେ ଭଳିଆ ମହାପୁରୁଷଙ୍କୁ ନୟାଗଡ଼ ମାଟି ଜନ୍ମ ଦେଇ ଧନ୍ୟ ହୋଇଛି।

# ପଠାଣି ସାମନ୍ତ ଥିଲେ ଅସାଧାରଣ ପ୍ରତିଭାର ଅଧିକାରୀ


ଜୟନ୍ତୀ ଉତ୍ସବରେ ମଞ୍ଚାସୀନ ଅତିଥି।

■ ଜନ୍ମ ମାଟିରେ ପାଳିତ ହେଲା ୧୮୯ତମ ଜୟନ୍ତୀ
■ ପଠାଣି ସାମନ୍ତଙ୍କ ପ୍ରତିଭା ବିଶ୍ୱବାସୀଙ୍କୁ ପ୍ରେରଣା ଦେଇଛି

**ଖଣ୍ଡପଡ଼ା,୨୪।୧୨(ଅଜୟ କୁମାର ମହାରଣା)**

ବିଶ୍ୱ ବିଖ୍ୟାତ ଜ୍ୟୋର୍ତିବିଦ୍ ମହାମହୋପାଧ୍ୟାୟ ପଠାଣି ସାମନ୍ତ ଥିଲେ ଜଣେ ଅସାଧାରଣ ପ୍ରତିଭାର ଅଧିକାରୀ। ଏଭଳି ଜଣେ ପ୍ରତିଭାବାନ ବ୍ୟକ୍ତି ଖଣ୍ଡପଡ଼ା ମାଟିରେ ଜନ୍ମ ଗ୍ରହଣ କରି ସାରା ବିଶ୍ୱବାସୀଙ୍କୁ ଦିଗ୍ ଦର୍ଶନ ଦେଇଥିଲେ । ସେହି ଯୋଗଜନ୍ମା ପୁରୁଷଙ୍କ ଯୋଗୁ ଖଣ୍ଡପଡ଼ା ମାଟି ଆଜି ଧନ୍ୟ ହୋଇଛି। ଏହାଛଡା ପ୍ରାକ୍ ସ୍ୱାଧୀନତା ସମୟରେ ଜ୍ୟୋର୍ତିବିଜ୍ଞାନ ସମ୍ପର୍କରେ ସମଗ୍ର ବିଶ୍ୱବାସୀଙ୍କୁ ପ୍ରେରଣା ଦେଇଥିବା ଏହି ମହାମନିଷଙ୍କୁ ନେଇ ଓଡିଶାବାସୀ ଗର୍ବିତ। ଏହି ମହାମନିଷଙ୍କ ସମ୍ପର୍କରେ ଯେତେ କହିଲେ ବି କମ ହେବ । ତାଙ୍କୁ ଅନୁସରଣ କରିବା ହିଁ ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି। ପଠାଣୀ ସାମନ୍ତଙ୍କ ଦିଗ ଦର୍ଶନରେ ଅନୁପ୍ରାଣିତ ହେବା ଆମ ପାଇଁ ଆହ୍ୱାନ ବୋଲି ରବିବାର ପଠାଣି ସାମନ୍ତଙ୍କ ୧୮୯ତମ ଜୟନ୍ତୀ ସଭାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି।

ଅନୁଷ୍ଠାର ସଭାପତି ନାରାୟଣ ଦାଶଙ୍କ ପୌରୋହିତ୍ୟରେ ଆୟୋଜିତ ସ୍ମୃତିଚାରଣ ସଭାରେ ମୁଖ୍ୟଅତିଥି ରୁପେ ଓଟିଡିସି ଅଧ୍ୟକ୍ଷ ଲେଲିନ ମହାନ୍ତି ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଅନୁସୂଚିତ ଜାତି ଓ ଜନଜାତି ବିଭାଗ, ଉପଦେଷ୍ଟା ଅନ୍ୱେଶା ଓ ଆକାଂକ୍ଷା ଯୋଜନାର ଉପଦେଷ୍ଟା ଏଲିନା ଦାସ, ସମ୍ମାନୀତ ଅତିଥି ଭାବେ ଇଟି ଆଣ୍ଡ ଆଇଟିର ଉପଦେଷ୍ଟା ତଥା ପୂର୍ବତନ ବିଧାୟକ ଅନୁଭବ ପଟ୍ଟନାୟକ, ଏନଏସି ଅଧ୍ୟକ୍ଷା ଆରତୀ ପ୍ରଧାନ ପ୍ରମୁଖ ଯୋଗଦେଇ ବିଶ୍ୱ ବିଖ୍ୟାତ ଜ୍ୟୋର୍ତିବିଦ ପଠାଣି ସାମନ୍ତଙ୍କ ସୁଦୁର ପ୍ରସାରୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରିବା ସହ ଖଣ୍ଡପଡ଼ାବାସୀଙ୍କୁ ସାମନ୍ତଙ୍କ କାର୍ଯ୍ୟକଳାପକୁ ଓ କୃତୀକୁ ଉଜ୍ଜିବିତ ରଖିବା ପାଇଁ ପରାମର୍ଶ ଦେଇଥିଲେ । କୁନି ପ୍ରତିଭା ତଥା ଉପସ୍ଥାପିକା ରୁପାଲୀ ସାହୁ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । କାର୍ଯ୍ୟକ୍ରମର ପ୍ରାରମ୍ଭରେ ସ୍ମୃତି ମନ୍ଦିରର ସଦସ୍ୟ, ପଠାଣି ସାମନ୍ତ ପୂଜ୍ୟପୂଜା ପରିଷଦ, ଖଣ୍ଡପଡ଼ା ଯୁବକ ସଂଘ ଓ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀ ଛାତ୍ରଙ୍କ ସମେତ ସାମନ୍ତ ପ୍ରେମୀ ବ୍ୟକ୍ତି ବିଶେଷଙ୍କ ଦ୍ୱାରା ସହରାଞ୍ଚଳସ୍ଥିତ ବିଭିନ୍ନ ସ୍ଥାନରେ ଥିବା ପଠାଣି ସାମନ୍ତଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ମଧ୍ୟାହ୍ନରେ ନୀଳଶୈଳ ନୃତ୍ୟାଞ୍ଜଳି ଗ୍ରୁପର କଳାକାରମାନଙ୍କ ପକ୍ଷରୁ ଭଜନ ନୃତ୍ୟ ପରିବେଷଣ କରାଯାଇଥିଲା। ଅପରାହ୍ନରେ ଉପସ୍ଥିତ ଦର୍ଶକମାନଙ୍କ ନିମନ୍ତେ ମୁକ୍ତାକାଶ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଓ ବିଜ୍ଞାପିତ ଅଞ୍ଚଳ ପରିଷଦ ମଧ୍ୟରେ ପ୍ରତିଭା ସମ୍ମାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର ସମ୍ପାଦକ ବିନାୟକ ସାହୁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ସଭାକାର୍ଯ୍ୟ ଶେଷ ହେବା ପରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେହିପରି ଖଣ୍ଡପଡ଼ା ପଠାଣୀ ସାମନ୍ତ, ଜିମ୍ନାସିୟମ, ପଠାଣି ସାମନ୍ତ, ମୁଦ୍ରଣାଳୟ ବ୍ୟାଖାନ କେନ୍ଦ୍ର, ଆପ୍ରୋଚ ଶିକ୍ଷାନୁଷ୍ଠାନ ସମେତ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ପଠାଣି ସାମନ୍ତଙ୍କ ଜୟନ୍ତୀ ପାଳିତ ହୋଇଯାଇଛି ।

ସେଲ୍ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ କୁନାଲ


@ ଲିକୁନ୍


@ ଭାରତ


@ ସୌମ୍ୟରଞ୍ଜନ


@ ଶୁଭମ୍

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

### ଜଙ୍ଗଲରେ ବୁଲୁଛି ଗୁଳିମାଡ଼ରେ ଆହତ ଦନ୍ତା

**ରଣପୁର,୨୪।୧୨(ସୁକାନ୍ତ କିଶୋର ଡାକୁଆ):** ନୟାଗଡ଼ ଜିଲା ରଣପୁର ବନ ବିଭାଗ ଅଧୀନରେ ଥିବା କାଞ୍ଚନପୁର କାଜୁ ଜଙ୍ଗଲରେ ଏକ ଅସୁସ୍ଥ ଦନ୍ତା କିଛି ଦିନ ହେବ ବୁଲୁଛି । ତା' ଗୋଡ଼ରେ ଗୁଳିମାଡ଼ ହୋଇଛି। ସେଥିପାଇଁ ହାତୀଟି ଧିରେ ଧିରେ ଚାଲୁଛି । ଏନେଇ ସ୍ଥାନୀୟ ଗ୍ରାମବାସୀ ବନ ବିଭାଗକୁ ଅବଗତ କରିଥିଲେ। ହେଲେ ବନ ବିଭାଗ ପକ୍ଷରୁ ହାତୀକୁ ଠାବ କରିବା କିମ୍ବା ତା'ର ଚିକିତ୍ସା ପାଇଁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି । କୌଣସି ଶିକାରୀ ହାତୀଟିକୁ ଗୁଳି କରିବା ପରେ ଏପରି ଅବସ୍ଥା ସୃଷ୍ଟି ହୋଇଛି ବୋଲି ସ୍ଥାନୀୟ ଲୋକମାନେ କହିଛନ୍ତି। ବନ ବିଭାଗ ହାତୀର ଚିକିତ୍ସା ବ୍ୟବସ୍ଥା କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ପାଣି ପାଇଁ ୧ଘଣ୍ଟା ରାସ୍ତା ଅବରୋଧ

**ଗଣିଆ,୨୪।୧୨(ସନ୍ତୋଷ କୁମାର ପ୍ରଧାନ)**


ମହିଳାମାନେ ନିଆଁ ଜାଳି ରାସ୍ତା ଅବରୋଧ କରିଛନ୍ତି।

ନୟାଗଡ଼ ଜିଲା ଗଣିଆ ବ୍ଲକ ଆଡକଟା ପଞ୍ଚାୟତ ଆଡକଟା ଶିତୁଳିଆ ସାହିରେ ପିଇବା ପାଣି ସମସ୍ୟାର ସମାଧାନ ଦାବି କରି ସାହି ବାସିନ୍ଦା ରବିବାର ସକାଳୁ ଗଣିଆ-ଦଶପଲ୍ଲା ରାଜ୍ୟ ରାଜପଥକୁ ଅବରୋଧ କରିଥିଲେ। ଆଡକଟା ପଞ୍ଚାୟତର ୨ନଂ.ୱାର୍ଡ ଶିତୁଳିଆ ସାହିରେ ଗତ ୧୫ଦିନ ଧରି ପାଣି ପମ୍ପର ମୋଟର ପୋଡିଯାଇଥିବା ଯୋଗୁ ପାନୀୟ ଜଳ ଯୋଗାଣ ବନ୍ଦ ରହିଥିଲା । ଫଳରେ ସାହିର ୪୦ଟି ପରିବାର ୨କି.ମି. ଦୂରରୁ ପିଇବା ପାଣି ସଂଗ୍ରହ କରି ଆଣୁଥିଲେ। ମୋଟର ମରାମତି କରିବା ପାଇଁ ସାହି ବାସିନ୍ଦା ସ୍ଥାନୀୟ ଜନପ୍ରତିନିଧି ଓ ପାନୀୟ ଜଳ ଯୋଗାଣ ବିଭାଗର କନିଷ୍ଠଯନ୍ତ୍ରୀଙ୍କୁ ବାରମ୍ବାର ଅଭିଯୋଗ କରିଆସୁଥିଲେ। ମୋଟର ମରାମତି ହେବ କହି ଆସୁଥିଲେ ମଧ୍ୟ ବିଭାଗୀୟ ଅଧିକାରୀ ଅବହେଳା କରୁଥିବାରୁ ରବିବାର ସକାଳୁ ରାସ୍ତା ଉପରେ ଟାୟାର ଜାଳି ସାହିର ଶତାଧିକ ମହିଳା ଓ ପୁରୁଷ ଅବରୋଧ କରି ଆନ୍ଦୋଳନକୁ ଓହ୍ଲାଇଥିଲେ । ଫଳରେ ଗଣିଆ-ଦଶପଲ୍ଲା ରାସ୍ତାରେ ୧ଘଣ୍ଟା ଧରି ଯାନବାହନ ଚଳାଚଳ ବନ୍ଦ ରହିଥିଲା । ଘଟଣାସ୍ଥଳରେ ଗଣିଆ ଥାନା ସବ୍ଇନ୍ସପେକ୍ଟର ବୀରେନ୍ଦ୍ର ଦେହୁରୀ, ଏଏସ୍ଆଇ ପ୍ରମୋଦ କୁମାର ନନ୍ଦ, ଆଡକଟା ସରପଞ୍ଚଙ୍କ ପ୍ରତିନିଧି ପ୍ରଶନ୍ନ କୁମାର ବାରିକ ପହଞ୍ଚି ସାହି ବାସିନ୍ଦାଙ୍କ ସହ ଆଲୋଚନା କରି ତୁରନ୍ତ ପାଣି ମୋଟର ମରାମତି କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ପାନୀୟ ଜଳ ଯୋଗାଣ ବିଭାଗର କର୍ମଚାରୀମାନେ ପହଞ୍ଚି ମୋଟର ମରାମତି କାମ ଆରମ୍ଭ କରିବା ପରେ ସାହି ବାସିନ୍ଦା ରାସ୍ତା ଅବରୋଧରୁ ହଟିଥିଲେ।

# ବ୍ଲେଡ୍‌ରେ ମରଣାନ୍ତକ ଆକ୍ରମଣ କରି ଯୁବକ ଗିରଫ

**ଓଡ଼ଗାଁ,୨୪।୧୨ (ଆଦର୍ଶ କୁମାର ପଟ୍ଟନାୟକ )**

ଓଡ଼ଗାଁ ଆଦର୍ଶ ଥାନା ଅନ୍ତର୍ଗତ ପାଣ୍ଡେରିପଡା ଗ୍ରାମରେ ଜଣେ ଯୁବକଙ୍କୁ ବୁଧବାର ବ୍ଲେଡ୍‌ରେ ଆକ୍ରମଣ କରିବା ଘଟଣାରେ ଓଡ଼ଗାଁ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି । ଗିରଫ ଯୁବକ ହେଲେ ସେହି ଗ୍ରାମର ଟିଟୁ ପରିଡ଼ା (୩୪) । ସୂଚନା ଅନୁଯାୟୀ, ପାଣ୍ଡେରିପଡାର ଭାଗବତ ବରାଡ଼ (୪୭) ଗାଁ ମଝିରେ ଥିବା ରଘୁନାଥଜୀଉ ମନ୍ଦିରରେ ବସିଥିବା ସମୟରେ ଟିଟୁ ତାଙ୍କୁ ଗାଳିଗୁଲଜ କରିବା ସହ ଏକ ବ୍ଲେଡ଼ରେ ବେକକୁ ଆକ୍ରମଣ କରିଥିଲେ। ଭାଗବତ ସାମାନ୍ୟ ଘୁଞ୍ଚି ଯିବାରୁ ବ୍ଲେଡ଼ଟି ଗାଲରେ ବାଜିଥିଲା। ସ୍ଥାନୀୟ ଲୋକଙ୍କ ହସ୍ତକ୍ଷେପ ପରେ ଭାଗବତ ରକ୍ଷା ପାଇଯାଇଥିଲେ। ଏହାପରେ ଭାଗବତ ନିଜ ଘର ସମ୍ମୁଖରେ ଠିଆ ହୋଇଥିବା ସମୟରେ ଟିଟୁ କଟୁରୀ ଧରି ସେଠାରେ ପହଞ୍ଚି ଜୀବନରୁ ମାରି ଦେବାକୁ ଧମକ ଦେଇଥିଲେ। ଏ ନେଇ ଭାଗବତ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୨୯୨/୨୩) ରୁଜୁ କରିବା ସହ ଶନିବାର ବିଳମ୍ବିତ ରାତିରେ ଟିଟୁଙ୍କୁ ଗିରଫ କରିଥିଲା।

# ରଣପୁର ମହୋତ୍ସବ 'ଅର୍ଜୁନ' ପାଇଁ ପ୍ରସ୍ତୁତି ବୈଠକ



**ରଣପୁର,୨୪।୧୨(ସୁକାନ୍ତ କିଶୋର ଡାକୁଆ)**

ନୟାଗଡ଼ ଜିଲା ରଣପୁର ମହୋତ୍ସବ 'ଅର୍ଜୁନ-୨୦୨୪'ପାଇଁ ଶନିବାର ରଣପୁର ବ୍ଲକ ସଭାଗୃହରେ ଏକ ପ୍ରସ୍ତୁତ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ନୟାଗଡ଼ ଜିଲାପାଳ ରବିନ୍ଦ୍ରନାଥ ସାହୁ ସଭାପତିତ୍ୱ କରିଥିଲେ। ରଣପୁର ବିଧାୟକ ସତ୍ୟ ନାରାୟଣ ପ୍ରଧାନ, ମହୋତ୍ସବର ସଂଯୋଜକ ତଥା ନୟାଗଡ଼ ଜିଲା ପରିଷଦ ଅଧ୍ୟକ୍ଷ ଇଂ.ଦେବାଶିଷ ପଟ୍ଟନାୟକ, ଶରଣକୂଳ ଏସ୍‌ଡିପିଓ ସୁଧାକର ସାହୁ, ବିଡ଼ିଓ ସୁଧିର କୁମାର ନାୟକ, ରଣପୁର ଥାନା ଅଧିକାରୀ ନିହାର ରଞ୍ଜନ ମହାନ୍ତି, ରଣପୁର ବିଜ୍ଞାପିତ ପରିଷଦର କାର୍ଯ୍ୟ ନିର୍ବାହୀ ଅଧିକାରୀ ରଞ୍ଜନ କୁମାର ଦାଶ, ରଣପୁର ବିଜ୍ଞାପିତ ପରିଷଦର ଅଧ୍ୟକ୍ଷା ରଙ୍ଗୀନ ମହାନ୍ତି, ତହସିଲଦାର ରବିନ ଚର୍ଚ୍ଚିଲ ମିଶ୍ର ପ୍ରମୁଖ ଉପସ୍ଥିତ ରହି ମହୋତ୍ସବ ସମ୍ପର୍କରେ ଆଲୋଚନା କରିଥିଲେ ।

ନୟାଗଡ଼ ଜିଲାର ବିଭିନ୍ନ ସ୍ଥାନରେ ମହୋତ୍ସବ ହେଉଥିଲେ ମଧ ରଣପୁର ମହୋତ୍ସବର ସ୍ୱତନ୍ତ୍ରତା ରହିଛି । ଏହି ମହୋତ୍ସବ ଜାନୁୟାରୀ ୫ରୁ ଆରମ୍ଭ ହୋଇ ୫ ଦିନ ଚାଲିବ । ଶହୀଦମାନଙ୍କୁ ମନେ ପକାଇବା ପାଇଁ ଏହି ମହୋତ୍ସବ ପାଳନ ହୋଇ ଆସୁଛି । ଶାନ୍ତି ଶୃଙ୍ଖଳାରେ ଏହି ମହୋତ୍ସବ ପାଳନ କରିବାକୁ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ଏହି ମହୋତ୍ସବରେ ଅନ୍ୟାନ୍ୟ ଷ୍ଟଲ ସହିତ ୩୦ରୁ ଊର୍ଦ୍ଧ୍ୱ ସରକାରୀ ଷ୍ଟଲ ଖୋଲିବ। ୫ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ସାଂସ୍କୃତିକ କାର୍ଯକ୍ରମରେ ଯୋଡି ଶଙ୍ଖ, ଗୋଟିପୁଅ, ରଣପା ଭଳି ନୃତ୍ୟ ପରିବେଷଣ କରାଯିବ । ଏହି ଅବସରରେ ସ୍କୁଲପିଲାମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା କରିବାକୁ ରଣପୁର ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା । ପୁରୀ ଗଜପତି ମହାରାଜଙ୍କୁ ମହୋତ୍ସବକୁ ନିମନ୍ତ୍ରଣ ପାଇଁ ପ୍ରସ୍ତାବ ଦିଆଯାଇଥିଲା। ବିଡ଼ିଓ ସ୍ଥାନୀୟ କଳାକାରମାନଙ୍କୁ ସାଂସ୍କୃତିକ କାର୍ଯ୍ୟକ୍ରମରେ ସାମିଲ ପାଇଁ ଅଧିକ ଗୁରୁତ୍ୱାରୋପ କରିଥିଲେ । ଏହି ବୈଠକରେ ସିଡିପିଓ ମାଧୁରୀ ପଣ୍ଡା, ଏମ୍‌ପିଙ୍କ ପ୍ରତିନିଧି ସ୍ୱରାଜ ମହାନ୍ତି, ସତ୍ୟ ନାରାୟଣ ମହାପାତ୍ର, ଦିନେଶ ପରିଡ଼ା, ପୂର୍ଣ୍ଣଚନ୍ଦ୍ର ରାୟ ପ୍ରମୁଖ ଉପସ୍ଥିତ ଥିଲେ ।

# ଓଡ଼ଗାଁ କପ୍ ସର୍ବଭାରତୀୟ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ

**ଓଡ଼ଗାଁ,୨୪।୧୨(ଆଦର୍ଶ କୁମାର ପଟ୍ଟନାୟକ)**


ଅତିଥିଙ୍କ ଗହଣରେ ଦୁଇ ଦଳର ଖେଳାଳୀ।

ନୟାଗଡ଼ ଜିଲା ଓଡ଼ଗାଁ ମିନିଷ୍ଟାଡିୟମଠାରେ ରବିବାର ଅପରାହ୍ନରେ ୫ମ ସର୍ବଭାରତୀୟ ଫୁଟବଲ ଟୁର୍ନାମେଣ୍ଟ ଓଡ଼ଗାଁ କପ୍-୨୦୨୩ ଆରମ୍ଭ ହୋଇଛି । ନୟାଗଡ଼ ବିଧାୟକ ତଥା ଅନୁଷ୍ଠାନ ସଭାପତି ଅରୁଣ କୁମାର ସାହୁ କ୍ରୀଡ଼ା ପତାକା ଉତ୍ତୋଳନ କରି ଏହି ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ । ଉଦ୍‌ଘାଟନୀ ମ୍ୟାଚ ଭଦ୍ରକ ବାଦଲ ଏକାଡେମୀ ଓ ଭୁବନେଶ୍ୱରର ଜଗା ୟୁନାଇଟେଡ଼ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମାର୍ଦ୍ଧର ୨୨ ମିନିଟରେ ଜଗା ୟୁନାଇଟେଡ଼ ଦଳର ସିଲନ ପ୍ରଥମ ଗୋଲ ଦେଇଥିଲେ । ୩୦ ମିନିଟ୍‌ରେ ଆଣ୍ଡ୍ରୋ ଜୁନିୟର ଦ୍ୱିତୀୟ ଗୋଲ,୩୭ତମ ମିନିଟ୍‌ରେ ସୋମନାଥ ତୃତୀୟ ଗୋଲ ସ୍କୋର କରି ଦଳକୁ ବିଜୟ ପାଇଁ ପଥ ପରିଷ୍କାର କରିଥିଲେ। ବହୁ ଉଦ୍ୟମ ସତ୍ତ୍ୱେ ବାଦଲ ଏକାଡ଼େମୀ ଦଳ କୌଣସି ଗୋଲ ସ୍କୋର କରିପାରି ନ ଥିଲା। ଦ୍ୱିତୀୟାର୍ଦ୍ଧ ମ୍ୟାଚ୍ ଆରମ୍ଭର ୧୨ତମ ମିନିଟ୍‌ରେ ଜଗା ୟୁନାଇଟେଡ଼ ଦଳର ଡେଭିଡ୍ ଚତୁର୍ଥ ଗୋଲ କରି ସୁନିଶ୍ଚିତ ବିଜୟ ଆଡକୁ ଅଗ୍ରସର ହୋଇଥିଲେ । ଶ୍ରେଷ୍ଠ ଖେଳାଳି ଭାବେ ଜଗା ୟୁନାଇଟେଡ ଦଳର ଆଣ୍ଡ୍ରୋ ଜୁନିୟର ଓଡ଼ଗାଁ ସାମ୍ବାଦିକ ସଂଘ ସଭାପତି ଅଶୋକ କୁମାର ମହାପାତ୍ରଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ।

### ଉଦ୍‌ଘାଟନୀ ମ୍ୟାଚ୍‌ରେ ଜଗା ୟୁନାଇଟେଡ୍ ବିଜୟୀ

ପ୍ରାରମ୍ଭରେ ଟୁର୍ନାମେଣ୍ଟର ଆୟୋଜକ ଓ ସ୍ଥାନୀୟ ଅଞ୍ଚଳର ପୁରାତନ ଖେଳାଳିଙ୍କ ଦ୍ୱାରା ରଘୁନାଥ ମନ୍ଦିରଠାରୁ ମିନିଷ୍ଟାଡିୟମ ପର୍ଯ୍ୟନ୍ତ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ବ୍ଲକ ଅଧ୍ୟକ୍ଷ ତଥା ଅନୁଷ୍ଠାନର ସାଧାରଣ ସମ୍ପାଦକ ଲୋକନାଥ ସାହୁ, ବ୍ଲକ ବିଜେଡି ସଭାପତି ସୂର୍ଯ୍ୟନାରାୟଣ ଚୌଧୁରୀ, ସମବାୟ ନିର୍ଦ୍ଦେଶକ ବିଭୁପ୍ରସାଦ ସାହୁ, ନିତ୍ୟାନନ୍ଦ ପ୍ରଧାନ, ଯୁଗ୍ମ ସମ୍ପାଦକ ଦିବାକର ନାୟକ, ବରିଷ୍ଠ ଆଇନଜୀବୀ ଗୋବିନ୍ଦଚନ୍ଦ୍ର ସାହୁ, ଜିଲା ପରିଷଦ ସଭ୍ୟା ବିରଜାଲକ୍ଷ୍ମୀ ସାହୁ, ଝିଲି ପ୍ରଧାନ ଓ ଓଡ଼ଗାଁ ସାମ୍ବାଦିକ ସଂଘର ସଦସ୍ୟମାନେ ଅତିଥି ଭାବେ ଯୋଗ ଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ରାଜୁ ମହାନ୍ତି, ଅଶୋକ କୁମାର କଅଁର,ଶଶୀକାନ୍ତ ଦାସିଆ, ଜଗନ୍ନାଥ ପରିଡ଼ା ରେଫରୀ ଭାବେ ଖେଳ ପରିଚାଳନା କରିଥିଲେ। ସୁଶାନ୍ତ ପାତ୍ର, ନରେଶ ପାଣିଗ୍ରାହୀ, ସାର୍ଥକ ଷଡ଼ଙ୍ଗୀ କ୍ରୀଡା ବିବରଣୀ ପ୍ରଦାନ କରିଥିଲେ । ସୋମବାର ସୋନପୁର ରାମଧୂନ କ୍ଲବ୍ ଓ କଟକ ୟଙ୍ଗ ଉତ୍କଳ ଟିମ୍ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ।

## ଆଜି କ'ଣ କେଉଁଠି

**ଧର୍ମଶାଳା**
- ସୂର୍ଯ୍ୟାସ୍ତ ପତ୍ରିକାର ସ୍ୱନକ୍ଷତ୍ର ଉତ୍ସବ, ସ୍ଥାନ-ଧର୍ମଶାଳା ମହାବିଦ୍ୟାଳୟ, ସମୟ-ପୂର୍ବାହ୍ନ ୧୦ଟା।

## ବ୍ୟାନର ଚିରା ଅଭିଯୋଗରେ ୩ ଗିରଫ

**ଧର୍ମଶାଳା,୨୪।୧୨(ବଟକୃଷ୍ଣ ପରିଡ଼ା):** ଧର୍ମଶାଳା ବ୍ଲକ ତଥା ଜେନାପୁର ଥାନା ଅନ୍ତର୍ଗତ ଜେନାପୁର ଯୁକ୍ତ ୨ କଲେଜରେ ବ୍ୟାନର ଚିରିବା ଅଭିଯୋଗରେ ସ୍ଥାନୀୟ ଅଞ୍ଚଳର ୩ ଯୁବକଙ୍କୁ ପୋଲିସ ଗିରଫ କରି ଚଣ୍ଡିଖୋଲ କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ କବାଟବନ୍ଧ ଗ୍ରାମର ପ୍ରଭାତ ବେଜ, ଦିଲୀପ ସାହୁ ଓ ଚଉଶଠିପଡ଼ା ଗ୍ରାମର ପ୍ରଭାତ ମହାନ୍ତି। କଲେଜରେ ଯୁବ ଓଡ଼ିଶା, ନବୀନ ଓଡ଼ିଶା ଖେଳକୁଦ କାର୍ଯ୍ୟକ୍ରମ ହେଉଥିବାବେଳେ ସେଠାରେ ବ୍ୟାନର ଲଗାଯାଇଥିଲା। ବ୍ୟାନରକୁ ୨୨ତାରିଖ ରାତିରେ କେହି ଦୁର୍ବୃତ୍ତ ଚିରିଦେଇଥିଲେ। ଏହାକୁ ନେଇ କଲେଜ ଅଧ୍ୟକ୍ଷ ରବୀନ୍ଦ୍ର ଦାଶ ଜେନାପୁର ଥାନାରେ ଅଭିଯୋଗ କରିଥିଲେ। ଏନେଇ ଥାନାରେ ନଂ.୩୮୪/୨୩ରେ ଏକ ମାମଲା ରୁଜୁ ହୋଇଛି।

## ରାମଲୀଳା ପ୍ରଦର୍ଶନରେ ଦୁଲୁକିଲା ମଞ୍ଚ

**ରସୁଲପୁର,୨୪।୧୨(ରଞ୍ଜିତ ରାଉତ):** କୁଆଖିଆ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା ଶନିବାର ଭାଗବତ ଚର୍ଚ୍ଚାରୁ ଶୁଭାରମ୍ଭ ହୋଇଥିବାବେଳେ ରବିବାର ତୃତୀୟ ସନ୍ଧ୍ୟାରେ ଯାଜପୁରସ୍ଥିତ ରାଧାମାଧବ ଡ୍ୟାନ୍ସ ଗ୍ରୁପ୍ ପକ୍ଷରୁ ରାମଲୀଳା ପ୍ରଦର୍ଶନ କରାଯାଇଛି। କଳାକାରମାନଙ୍କ ଦ୍ୱାରା ରାମଲୀଳା, ନୃତ୍ୟ, ଗୀତ ପ୍ରଦର୍ଶନରେ ମଞ୍ଚ ଦୁଲୁକି ଉଠିଛି। ଡ୍ୟାନ୍ସ ଗ୍ରୁପର କଳାକାରମାନେ ମନୋରମ ନୃତ୍ୟ ପରିବେଷଣ ଦର୍ଶକମାନଙ୍କୁ ବାନ୍ଧି ରଖିଥିଲେ। ରାମଙ୍କ କଥା ଓ ଗାଥା ଉପରେ ଆଧରିତ ବିଭିନ୍ନ ନୃତ୍ୟ ପରିବେଷଣ କରାଯାଇଥିଲା। ମଞ୍ଚ କଳାକାରମାନଙ୍କ ନୃତ୍ୟ ଶୈଳୀ ରାମାୟଣ ଓ ପୌରାଣିକ କଥାଶଂକୁ ଦର୍ଶକମାନଙ୍କୁ ମନେ ପକାଇ ଦେଇଥିଲା।

**୧୬ତମ କୁଆଖିଆ ମହୋତ୍ସବର ତୃତୀୟ ସନ୍ଧ୍ୟା**


ମଞ୍ଚରେ ଦୁଇ କଳାକାର ନୃତ୍ୟ ପ୍ରଦର୍ଶନ କରୁଛନ୍ତି।

ନୃତ୍ୟାଙ୍ଗନାମାନଙ୍କ ବେଶଭୂଷା ଅତ୍ୟନ୍ତ ମନୋରମ ହୋଇଥିବାବେଳେ ମଞ୍ଚରେ ସେମାନଙ୍କର ନିଖୁଣ ଅଭିନୟ ସମସ୍ତଙ୍କ ମୋହିତ କରିଥିଲା।

ଶନିବାର ମୁଗୁପାଳସ୍ଥିତ ଶ୍ରୀମଦ୍ ଭଗବତ ଅଧ୍ୟୟନ କେନ୍ଦ୍ର ପକ୍ଷରୁ ଭାଗବତ ଚର୍ଚ୍ଚା କରାଯାଇଥିଲା। ଅନୁଷ୍ଠାନର ପ୍ରମୁଖ ତଥା ସଂଗୀତ ଗୁରୁ ପ୍ରମୋଦ ଦାଶଙ୍କ ପୌରୋହିତ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ଅଧ୍ୟୟନ କେନ୍ଦ୍ରର ଗୁରୁଜୀମାନେ ଗୀତାର ସାରମର୍ମ ସମ୍ପର୍କରେ ସୂଚନା ଦେଇଥିଲେ। ଭାଗବତବାଣୀ ମଣିଷ ଜୀବନକୁ କିପରି ପ୍ରଭାବିତ କରିଥାଏ ତା'କୁ ବାଖ୍ୟା କରିଥିଲେ। ଏହି ଅବସରରେ କେନ୍ଦ୍ରର କୁନି ବିଦ୍ୟାର୍ଥୀମାନଙ୍କୁ ପକ୍ଷରୁ ଭାଗବତ ଶ୍ଳୋକ ଆବୃତ୍ତି ଶୈଳୀ ଦର୍ଶକମାନଙ୍କ ମନକୁ ଛୁଇଁଥିଲା। ଭାଗବତରେ ପ୍ରଭୁ ଶ୍ରୀକୃଷ୍ଣଙ୍କ ବାଣୀ ସମାଜକୁ ସୁପଥରେ ପରିଚାଳନ କରିବାରେ ସହାୟକ ହୋଇଥାଏ। ପ୍ରତ୍ୟେକ ବ୍ୟକ୍ତି ପ୍ରଭୁଙ୍କ ବାଣୀକୁ ଜୀବନଶୈଳୀରେ ବ୍ୟବହାର କଲେ ଶୃଙ୍ଖଳିତ ଜୀବନଯାପନର ବାଟ ଫିଟିଥାଏ ବୋଲି ଗୀତା ଶ୍ଳୋକ ଆବୃତ୍ତି ସହ ତା'କୁ ବାଖ୍ୟାକରି ପ୍ରବଚକମାନେ ବୁଝାଇଥିଲେ। ମହୋତ୍ସବ କମିଟି ସଭାପତି ରାଜେସ ସାହୁ, ସମ୍ପାଦକ ଅରୁଣ ରାଉତ, ମହାସଚିବ ଅରୁଣ ସାହୁ, କୋଷାଧ୍ୟକ୍ଷ ଉମେଶ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସଂଗ୍ରାମୀଙ୍କ ପୀଠ ପାଲଟିଛି ଖଳା


ସଂଗ୍ରାମୀଙ୍କ ପୀଠ ପରିସରରେ ଧାନ ଗଦା କରାଯାଇଛି।

**ବରୀ,୨୪।୧୨(ମହେନ୍ଦ୍ର ସ୍ୱାଇଁ):** ବରୀ ବ୍ଲକ୍‌ର ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ମୃତି ପୀଠକୁ ଖଳା ଭାବେ ବ୍ୟବହାର କରାଯାଉଛି। ଫଳରେ ଏହାକୁ ନେଇ ଅଞ୍ଚଳର ବୁଦ୍ଧିଜୀବୀମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ବ୍ଲକ୍‌ର ସଂଗ୍ରାମୀ ସାଉଣ୍ଟି ମଲିକ, ସାନନ୍ଦ ସ୍ୱାଇଁ, ହାଡ଼ିବନ୍ଧୁ ପଣ୍ଡା ଓ ମାୟାଧର ଭୂୟାଁ କଳାମାଟିଆ ପଡ଼ିଆରେ ଇଂରେଜ ସୈନିକଙ୍କ ଗୁଳିରେ ଶହୀଦ ହୋଇଥିଲେ। ଏହକ୍ରମରେ ଚନ୍ଦନପୁର ପଞ୍ଚାୟତର ଅଜାଣ ଛକ ନିକଟରେ ମାୟାଧର ଭୂୟାଁଙ୍କ ସମାଧି ପୀଠ ସହ ଏକ ପ୍ରତିମୂର୍ତ୍ତି ନିର୍ମାଣ କରାଯାଇଛି। ଏହା ଅବହେଳିତ ଅବସ୍ଥାରେ ରହିଥିବା ଦେଖିବାକୁ ମିଳିଛି। ଛାତରୁ ପ୍ଲାଷ୍ଟର ଖସି ରଡ୍ ଦେଖାଯାଉଛି। ଆଲୋକ ବ୍ୟବସ୍ଥା ନ ଥିବାରୁ ସନ୍ଧ୍ୟାହେଲେ ଅସାମାଜିକ ଲୋକଙ୍କ ଆଡ୍ଡାସ୍ଥଳୀ ପାଲଟୁଛି। ମାତ୍ର ବର୍ତ୍ତମାନ ଧାନ ଅମଳ ସମୟ ହୋଇଥିବାରୁ କେତେଜଣ ଚାଷୀ ଧାନ କାଟି ଏଠାରେ ଗଦା ମାଡ଼ିଛନ୍ତି, ଯାହା ସଂଗ୍ରାମୀମାନଙ୍କ ପ୍ରତି ଅସମ୍ମାନ ହେଉଛି। ତେଣୁ ତୁରନ୍ତ ଏହି ଜବରଦଖଲ ହଟାଇ ସଂଗ୍ରାମୀଙ୍କୁ ଉଚିତ ସମ୍ମାନ ପ୍ରଦାନ କରିବାକୁ ଦାବି ହୋଇଛି।

## ନିରାପତ୍ତା ଅଧିକାରୀଙ୍କୁ କଳିଙ୍ଗ ସୁରକ୍ଷା ସମ୍ମାନ

**କଳିଙ୍ଗନଗର,୨୪।୧୨(ଶୁଭାଶିଷ ରାଉତ):** କଳିଙ୍ଗନଗର ଜିନ୍ଦଲ ଷ୍ଟେନ୍‌ଲେସ୍‌ର ଅଗ୍ନି ଏବଂ ନିରାପତ୍ତା ବିଭାଗ ମୁଖ୍ୟ ମନୋଜ ବଳଙ୍କୁ 'କଳିଙ୍ଗ ସୁରକ୍ଷା ସମ୍ମାନ' ପ୍ରଦାନ କରାଯାଇଛି। ଭୁବନେଶ୍ୱରର ହୋଟେଲ ନ୍ୟୁ ମ୍ୟାରିଅନଠାରେ ଚଳିତ ମାସ ୨୦ ଓ ୨୧ ତାରିଖ ଦୁଇ ଦିନ ଧରି ଅନୁଷ୍ଠିତ ଏକ ଉତ୍ସବରେ ୨୦୨୨ରେ କାର୍ଯ୍ୟଦକ୍ଷତା ତଥା କର୍ମ କୁଶଳତା ପାଇଁ ବଳଙ୍କୁ ଏହି ସମ୍ମାନ ମିଳିଛି। ଉତ୍ସବରେ ବିନୋଦ କୁମାର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶ୍ରମସଚିବ ଆର୍‌ଏସ୍ ଗୋପାଳନ, କାରଖାନା ଓ ବାଷ୍ପିତ ବିଭାଗ ନିର୍ଦ୍ଦେଶକ ଅନୁପମ ଶାହାଙ୍କ ଉପସ୍ଥିତିରେ ଓଡ଼ିଶା ଅଗ୍ନିଶମ ବିଭାଗ ମହାନିର୍ଦ୍ଦେଶକ ଡ. ସୁଧାଂଶୁ ଷଡ଼ଙ୍ଗୀ ବଳଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ବଳ ତାଙ୍କ ପ୍ରତିକ୍ରିୟାରେ ଜିନ୍ଦଲ କାରଖାନାର ସମସ୍ତ କର୍ମଚାରୀ, ଅଧିକାରୀ ଓ ଶ୍ରମିକଙ୍କ ସହଯୋଗକୁ ପ୍ରଶଂସା କରି କୃତଜ୍ଞତା ଜ୍ଞାପନ କରିଥିଲେ।

## ସଦର ମହୋତ୍ସବ ଉଦ୍‌ଯାପିତ


ମହୋତ୍ସବ ଉଦ୍‌ଯାପନୀ ଉତ୍ସବରେ ମଞ୍ଚାସୀନ ଅତିଥି ଓ ଅନ୍ୟମାନେ।

**ଯାଜପୁର ସଦର,୨୪।୧୨ (ସମର ବିଜୟ ଶରଣ):** ଯାଜପୁର ବ୍ଲକ ମହେଶ୍ୱରପୁର ପଞ୍ଚାୟତର କବୀରପୁର ଦଶହରା ପଡ଼ିଆରେ ୧୭ତାରିଖଠାରୁ ଆରମ୍ଭ ହୋଇଥିବା ସଦର ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ୭ଦିନ ଧରି ଚାଲିଥିବା ମହୋତ୍ସବର ପ୍ରତ୍ୟେକ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କଣ୍ଠଶିଳ୍ପୀ ସୌରଭ ନାୟକ, ଶିଖା ତ୍ରିପାଠୀ, ସୁନୀଲ କୁମାର, ଇରା ମହାନ୍ତି, ନିହାର ରଞ୍ଜନ, ମହମ୍ମଦ ନାସିର ଓ ଶକ୍ତି ମିଶ୍ରଙ୍କ କଣ୍ଠର ଯାଦୁରେ ଦର୍ଶକ ଭରପୁର ମଜା ଉଠାଇଥିଲେ। ସାଜସଜା ଓ ରଙ୍ଗ ବେରଙ୍ଗର ଆଲୋକମାଳା ସାଂଗକୁ ଲକ୍ଷ୍ମୀନାରାୟଣଙ୍କ ପୂଜାମଣ୍ଡପ ଦର୍ଶକଙ୍କୁ ଆକର୍ଷିତ କରିଥିଲା। ସାମାଜିକ କର୍ମୀ ବ୍ରଜକିଶୋର ପାଢ଼ୀଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଜେଡି ସମ୍ପାଦକ ବିଶ୍ୱରଞ୍ଜନ ମଲ୍ଲିକ ଯୋଗଦେଇ ସଦର ମହୋତ୍ସବର ଆୟୋଜକଙ୍କୁ ପ୍ରଶଂସା କରିବା ସହ ଅନୁଷ୍ଠାନର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ମହୋତ୍ସବକୁ ସରସ ସୁନ୍ଦର କରିବାରେ ସଭାପତି ବିଜୟ ପାଢ଼ୀ, ସମ୍ପାଦକ ମୋହନ ସୁନ୍ଦର ରାଉତ, ମାଧବ ମାଝି, ରଞ୍ଜନ ପାଢ଼ୀ, ବିଭୂତି ଭୂଷଣ ନାୟକ, ବିଜୟ ମହାନ୍ତି, ବଳଭଦ୍ର ରାଉତ, ବାଦଲ ରାଉତ, ସୁଧାଂଶୁ ସାମଲ, ଅଶୋକ ସାମଲ, ରାଜେନ୍ଦ୍ର ବେହେରା, ବରୁଆଁ ସରପଞ୍ଚ ଅନାହାର ବାନୋ, ଜମଧର ସରପଞ୍ଚ ବାଦଲ ଖୁଣ୍ଟିଆ, ମହେଶ୍ୱରପୁର ସରପଞ୍ଚ ସୁଜିତ ରାୟ, ଜିଲା ପରିଷଦ ସଭ୍ୟା ସୁନୀତା ରାଉତ, ସମିତି ସଭ୍ୟା ସ୍ମୃତିରେଖା ସାମଲ ପ୍ରମୁଖ ସହଯୋଗ କରିଥିଲେ।

## ଭିସା ଗ୍ରୁପ୍‌ର ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବା ଶିବିର

**କଳିଙ୍ଗନଗର,୨୪।୧୨(ଶୁଭାଶିଷ ରାଉତ):** କଳିଙ୍ଗନଗର ଶିଳ୍ପାଞ୍ଚଳର ଭିସା ଗ୍ରୁପ ତରଫରୁ ଶନିବାର ମାନତୀରାଠାରେ ଏକ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୨୬ ଜଣଙ୍କୁ ଚିକିତ୍ସା ଯୋଗାଇ ଦିଆଯିବା ସହ ମାଗଣା ଔଷଧ ବଣ୍ଟନ କରାଯାଇଛି। ଶିବିରକୁ ବରିଷ୍ଠ ଅଧିକାରୀ ସନ୍ଦୀପ ମିଶ୍ର ଉଦ୍‌ଘାଟନ କରିଥିଲେ। ଡା. ଅଭିମନ୍ୟୁ ସାହୁ ରୋଗ ନିରୂପଣ କରିଥିଲେ। ଭିସା ଗ୍ରୁପ୍ ତରଫରୁ ପପନ ପାଲ, ସୁବୋଧ ଖଣ୍ଡାଇ ଓ ଅରୁଣ ପ୍ରଧାନଙ୍କ ସମେତ ପାରିପାର୍ଶ୍ୱିକ ଉନ୍ନୟନ ବିଭାଗର ଅନ୍ୟ କର୍ମକର୍ତ୍ତା ଶିବିରକୁ ପରିଚାଳନା କରିଥିଲେ। ଫାର୍ମାସିଷ୍ଟ ନିରାକାର ସୂତାର, ଆଟେଣ୍ଡାଣ୍ଟ ସୁର ଜେନା ଓ ଆମ୍ବୁଲାନ୍ସ ଚାଳକ ସୁବାସ ବାରିକ ଔଷଧ ବିତରଣ କରିଥିଲେ। ଶିବିର ପରିଚାଳନାରେ ଜୟନ୍ତ ଘଡ଼ାଇ, ସୁରେଶ ସାମଲ ଓ ମଧୁସ୍ମିତା ସିଂ ସହଯୋଗ କରିଥିଲେ। ଭିସା ଗ୍ରୁପ ପକ୍ଷରୁ ପ୍ରତି ଶନିବାର କାରଖାନା ପାର୍ଶ୍ୱବର୍ତ୍ତୀ ଗ୍ରାମରେ ଏପରି ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଉଛି।

## ସାର୍ଥକ ହସ୍ପିଟାଲ ପକ୍ଷରୁ ମଧୁମେହ ପରୀକ୍ଷା ଶିବିର


ଡାକ୍ତର ରୋଗୀଙ୍କଠାରୁ ରକ୍ତ ନମୁନା ସଂଗ୍ରହ କରୁଛନ୍ତି।

**ଧର୍ମଶାଳା,୨୪।୧୨(ବଟକୃଷ୍ଣ ପରିଡ଼ା):** ଧର୍ମଶାଳା ବ୍ଲକ୍ ଶାନ୍ତି ବଜାରସ୍ଥିତ ସାର୍ଥକ ହସ୍ପିଟାଲ ପକ୍ଷରୁ ରବିବାର ଏକ ମାଗଣା ମଧୁମେହ ରୋଗ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୪୫ ଜଣଙ୍କଠାରୁ ରକ୍ତ ନମୁନା ସଂଗ୍ରହ କରାଯାଇ ପରୀକ୍ଷା କରାଯାଇଥିବାବେଳେ ୪୦ ଜଣ ମଧୁମେହ ରୋଗୀ ଚିହ୍ନଟ ହୋଇଛନ୍ତି। ହସ୍ପିଟାଲର ନିର୍ଦ୍ଦେଶକ ଡା. ସାର୍ଥକ ଶତପଥୀ ଚିହ୍ନଟ ରୋଗୀଙ୍କୁ ଆବଶ୍ୟକ ଔଷଧ ସେବନ ସହ ନିୟମିତ ବ୍ୟାୟାମ କରିବାକୁ ପରାମର୍ଶ ଦେଇଛନ୍ତି। ଏଥିରେ ହସ୍ପିଟାଲର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ପାଚିକାଙ୍କୁ ସ୍ଥାୟୀ ଚାକିରି ପ୍ରଦାନ ଦାବି

**ବରୀ,୨୪।୧୨(ମହେନ୍ଦ୍ର ସ୍ୱାଇଁ):** ଯାଜପୁର ନିଖିଳ ଓଡ଼ିଶା ପାଚିକା ସଂଘର ଏକ ସମ୍ମିଳନୀ ବରୀ ବ୍ଲକ ଅନ୍ତର୍ଗତ ବାଲିବିଲ ପଞ୍ଚାୟତର ରାଜୀବ ଗାନ୍ଧୀ ସେବାକେନ୍ଦ୍ରଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଇନଜୀବୀ ରାଜକିଶୋର ସାମଲ ସଭାପତିତ୍ୱ କରିଥିଲେ। ସଂଘ ରାଜ୍ୟ ସଭାପତି ରମଣୀ ରଞ୍ଜନ ରାଉତ ଯୋଗଦେଇ ପାଚିକାଙ୍କ ଚାକିରି ସ୍ଥାୟୀ କରିବା, ପେନସନ ଲାଗୁ ଏବଂ ସମସ୍ତ ସରକାରୀ ସୁବିଧା ଯୋଗାଇ ଦେବା ପାଇଁ ରାଜ୍ୟ ସରକାର ପଦକ୍ଷେପ ନେବାକୁ ଦାବି କରିଥିଲେ। ବାଲିବିଲ ସରପଞ୍ଚ ମଧୁସ୍ମିତା ସାମଲ ଯୋଗଦେଇ ପାଚିକାଙ୍କୁ ଅଣଦେଖା କରାଯିବା ପରିତାପର ବିଷୟ ବୋଲି କହିଥିଲେ। ସଂଘ ରାଜ୍ୟ ସହ ସମ୍ପାଦିକା କାଞ୍ଚନବାଳା ରାଉତ, ରାଜ୍ୟ କମିଟି ସଦସ୍ୟ ନିରଞ୍ଜନ ପରମାଣିକ, ବସନ୍ତ ବାରିକ, ଅମିତାଭ ଜେନା ପ୍ରମୁଖ ଯୋଗଦେଇ ପାଚିକାଙ୍କ ଦାବି ପୂରଣ କରା ନ ଗଲେ ସଂଘ ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଚେତାବନୀ ଦେଇଥିଲେ।

## ଉପେନ୍ଦ୍ରଙ୍କ ସାହିତ୍ୟର ପଟାନ୍ତର ନାହିଁ

**ଧର୍ମଶାଳା,୨୪।୧୨(ବଟକୃଷ୍ଣ ପରିଡ଼ା):** ଧର୍ମଶାଳା ଅଞ୍ଚଳର ସାହିତ୍ୟ ଦର୍ପଣ ପତ୍ରିକା ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମିଳିତ ଆନୁକୂଲ୍ୟରେ ଶିଶୁ ସାହିତ୍ୟ ସମ୍ରାଟ ପଣ୍ଡିତ ଉପେନ୍ଦ୍ର ତ୍ରିପାଠୀଙ୍କ ଜୟନ୍ତୀ ଉତ୍ସବ ରବିବାର ଜାରକାସ୍ଥିତ ଧର୍ମଶାଳା ମହାବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। କବି ଡ. ରାଜକିଶୋର ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରି ଧର୍ମଶାଳା ଏକ ସାହିତ୍ୟ ସମୃଦ୍ଧ ଅଞ୍ଚଳ। ତେଣୁ ସାହିତ୍ୟିକମାନଙ୍କର ସହଯୋଗ ରହିଲେ ଆମ ସାଂସ୍କୃତିକ ପୃଷ୍ଠଭୂମି ଆହୁରି ସମୃଦ୍ଧ ହେବ ବୋଲି କହିଥିଲେ। ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ମୁଖ୍ୟଅତିଥିଭାବେ ଯୋଗଦେଇ ପ୍ରାକ୍ ସ୍ୱାଧୀନତା ସମୟରେ ଯେତେବେଳେ ଆମ ଭାଷା ସଙ୍କଟ ଦେଇ ଗତି କରୁଥିଲା ସେ ସମୟରେ ପଣ୍ଡିତ ଉପେନ୍ଦ୍ର ତ୍ରିପାଠୀ ଓଡ଼ିଆ ଭାଷାରେ ସାହିତ୍ୟ ରଚନା କରି ଯେଉଁ ବିଶ୍ୱଚେତନାର ବାର୍ତ୍ତା ଦେଇଛନ୍ତି ବାସ୍ତବରେ ତା'ର ପଟାନ୍ତର ନାହିଁ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ସାହିତ୍ୟିକ ଦାଶ ବେନହୁର ଯୋଗଦେଇ ଉପେନ୍ଦ୍ର ତ୍ରିପାଠୀଙ୍କୁ ଜଣେ ବହୁମୁଖୀ ପ୍ରତିଭା ଭାବେ ବର୍ଣ୍ଣନା କରିଥିଲେ। ସମ୍ମାନିତ ଅତିଥି କବି ତଥା ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ବିଭାଗ ସ୍ୱତନ୍ତ୍ର ଶାସନ ସଚିବ ମଧୁସୂଦନ ଦାଶ ଯୋଗଦେଇ ସାହିତ୍ୟ ପୂରାତନ ସହିତ ଯୋଡ଼ିହେଲେ ତା'ର ମିଠାପଣ ଆମେ ଅନୁଭବ କରି ପାରିବା ବୋଲି କହିଥିଲେ। ଏହି ଅବସରରେ ଅତିଥି ବିମଳ ପତିଙ୍କ କବିତା ପୁସ୍ତକ 'ପବନ ବହୁଛି ବହୁ ଥାଉ', ଡ. ବସନ୍ତ କିଶୋର ସାହୁଙ୍କ ପୁସ୍ତକ 'ଓଡ଼ିଆ ଶିଶୁ ସାହିତ୍ୟର ଗତି ଓ ସ୍ଥିତି'କୁ ଅତିଥି ଉନ୍ମୋଚନ କରିଥିଲେ। ଉନ୍ମୋଚିତ ପୁସ୍ତକ ଉପରେ କବୟିତ୍ରୀ ପଦ୍ମଜା ଶରଣ ସମୀକ୍ଷା କରିଥିଲେ। ଉତ୍ସବ ଆରମ୍ଭରେ ସାହିତ୍ୟ ଦର୍ପଣ ସମ୍ପାଦକ ବିମଳ ପତି ଅତିଥି ପରିଚୟ ଦେଇଥିବାବେଳେ ଖବରଦାତା ଆନନ୍ଦ ମହାରଣା ସ୍ୱାଗତ ଭାଷଣ ଦେଇଥିଲେ। କବି ବଟକୃଷ୍ଣ ଓଝା, କବି ଡ. ରାଜକିଶୋର ପାଢ଼ୀ, କବି ଡ. ବସନ୍ତ କିଶୋର ସାହୁ, ଝୁମୁକା ପତ୍ରିକା ସମ୍ପାଦକ ମାନସ ରଞ୍ଜନ ସାମଲ ଓ ଚୌଦ୍ୱାର ଏସଡିପିଓ ଉମାକାନ୍ତ ନାୟକଙ୍କୁ ସମ୍ମାନିତ କରାଯାଇଥିଲା। ଶିକ୍ଷକ ନରେନ୍ଦ୍ର ବେହେରା ଧନ୍ୟବାଦ ଦେଇଥିଲେ। ଦ୍ୱିତୀୟ ଅଧିବେଶନରେ କବି ଡ. ପ୍ରଶାନ୍ତ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କବିତା ପାଠୋତ୍ସବରେ ସଂଯୋଜକ ଭାବେ କବି ଭକ୍ତଚରଣ ସାହୁ, କବି ରଶ୍ମିତା ନାୟକ ଯୋଗଦେଇ କବିତା ସଂଯୋଜନା କରିଥିଲେ। ବହୁ କବି ସ୍ୱରଚିତ କବିତା ପାଠ କରିଥିଲେ। ଖବରଦାତା ସୁଶାନ୍ତ ସାହୁ ଧନ୍ୟବାଦ ଦେଇଥିଲେ।



ଉପେନ୍ଦ୍ର ତ୍ରିପାଠୀଙ୍କ ଜୟନ୍ତୀ ଉତ୍ସବରେ ଅତିଥି ପୁସ୍ତକ ଉନ୍ମୋଚନ କରୁଛନ୍ତି।

## ବିଦ୍ୟାଳୟର ମିଳିତ ବାର୍ଷିକ କ୍ରୀଡ଼ା ଉତ୍ସବ

**କାଏମା,୨୪।୧୨(ଶିବପ୍ରସାଦ ମହାନ୍ତି):** ଧର୍ମଶାଳା ବ୍ଲକ୍ ଅନ୍ତର୍ଗତ ଭବାନୀପୁର ପଞ୍ଚାୟତର ଜଗନ୍ନାଥ ସରକାରୀ ନୋଡାଲ ଉପ୍ରା ଓ ଭୁବନେଶ୍ୱରୀ ଉଚ୍ଚ ବିଦ୍ୟାଳୟ ପରିସରରେ ମିଳିତ ବାର୍ଷିକ କ୍ରୀଡ଼ା ଓ ପୁରସ୍କାର ବିତରଣ ଉତ୍ସବ ଦୁଇ ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଶ୍ୟାମସୁନ୍ଦର ବେହେରାଙ୍କ ସଭାପତିତ୍ୱରେ ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ଶ୍ୟାସୁନ୍ଦର ଶାନ୍ତି ମଞ୍ଚ କାର୍ଯ୍ୟ ସଞ୍ଚାଳନ କରିଥିଲେ। ମୁଖ୍ୟଅତିଥିଭାବେ ସାମାଜିକ କର୍ମୀ ଶରତ ଚନ୍ଦ୍ର ନାୟକ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ନୋଡାଲ ବିଦ୍ୟାଳୟ ସଭାପତି ସୁକାନ୍ତ ମହାରଣା, ସରପଞ୍ଚ ଜ୍ୟୋତିର୍ମୟୀ ନାୟକ, ଅଜୟ ପ୍ରଧାନ ଓ ହରେକୃଷ୍ଣ ନାୟକ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଶିକ୍ଷକ ଅରୁଣ ମହାରଣା ଅତିଥି ପରିଚୟ ପ୍ରଦାନ କରିଥିଲେ। ନୋଡାଲ ବିଦ୍ୟାଳୟ ଶିକ୍ଷୟିତ୍ରୀ ସୁଜାତା ବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ। ଉଭୟ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ, କର୍ମଚାରୀ ଓ ଅବସରପ୍ରାପ୍ତ ସେନା କର୍ମଚାରୀ ଚନ୍ଦ୍ରମଣି ନାୟକଙ୍କ ସହଯୋଗରେ ଛାତ୍ରୀଛାତ୍ର ବିଭିନ୍ନ ଖେଳରେ ଭାଗ ନେଇଥିଲେ। ପରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ପ୍ରାରମ୍ଭରେ ଉମେଶ ଚନ୍ଦ୍ର ବେହେରାଙ୍କ ସହିତ ଉଭୟ ବିଦ୍ୟାଳୟର ଛାତ୍ରୀଛାତ୍ର ମା' ଭୁବନେଶ୍ୱରୀ ମନ୍ଦିର ପୀଠରୁ ମଶାଲ ଶୋଭାଯାତ୍ରାରେ ଆସି ଖେଳ ପଡ଼ିଆ ପରିକ୍ରମା କରିଥିଲେ। ଅରୁଣ ମହାରଣା ଧନ୍ୟବାଦ ଦେଇଥିଲେ।

## ସେଣ୍ଟମେରି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

**ଯାଜପୁରରୋଡ୍,୨୪।୧୨(ପବିତ୍ର ରଞ୍ଜନ ମହାନ୍ତି):** ସେଣ୍ଟମେରି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଗ୍ରାମ୍ୟ ଉନ୍ନୟନ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ଇଂ. ପ୍ରୀତିରଞ୍ଜନ ଘଡ଼ାଇ ମୁଖ୍ୟ ଅତିଥିଭାବେ ଯୋଗଦେଇ ଛାତ୍ର ଜୀବନରେ ଖେଳ କସରତ ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଏଥିସହିତ ଏହି ବିଦ୍ୟାଳୟ ଜିଲାର ଏକ ମାଇଲଖୁଣ୍ଟ ଏବଂ ଏହା ବହୁ ପ୍ରତିଭା ସୃଷ୍ଟି କରିଛି ବୋଲି କହିଥିଲେ। ବିଦ୍ୟାଳୟର କ୍ରୀଡ଼ା ଭିତ୍ତିଭୂମି ପରିଦର୍ଶନ କରି ସନ୍ତୋଷ ପ୍ରକାଶ କରିବା ସହ ଏହା ବହୁ ଜାତୀୟ କ୍ରୀଡ଼ାବିତ ସୃଷ୍ଟି କରିବାରେ ସହାୟକ ହେବବୋଲି ମନ୍ତ୍ରୀ ଦମ୍ଭୋକ୍ତି ପ୍ରକାଶ କରିଥିଲେ। ସମ୍ମାନିତ ଅତିଥିଭାବେ ବ୍ୟାସନଗର ପୌରାଧକ୍ଷା ସାଙ୍ଗୀତା ପିଙ୍ଗୁଆ, ନିମନ୍ତ୍ରିତ ଅତିଥି ସାମାଜିକ କର୍ମୀ ବିଦ୍ୟାଧର ମହାନ୍ତି, ସ୍ଥାନୀୟ କାଉନସିଲର କୃଷ୍ଣଚନ୍ଦ୍ର ରାଉତ ଓ ଫେଡେରାଲ ବ୍ୟାଙ୍କ ପରିଚାଳକ ସାଇଶ୍ରୀ ପ୍ରମୁଖ ଯୋଗଦେଇଥିଲେ। ଅନୁଷ୍ଠାନର ପରିଚାଳକ ଫାଦର ସୁନୀଲ ଲାକ୍ରା, ଅଧକ୍ଷା ସିଷ୍ଟର ମେରିଲିନା ଏବଂ ସ୍କୁଲର ଶିକ୍ଷୟିତ୍ରୀଶିକ୍ଷକ ସଭାକୁ ପରିଚାଳନା କରିଥିଲେ। ବିଦ୍ୟାଳୟର ଦିବଂଗତ ଛାତ୍ର ତରୁଣ ସାମଲଙ୍କ ସ୍ମୃତିରେ ଛାତ୍ରୀଛାତ୍ରଙ୍କୁ ନେଇ ଏକ ସଡ଼କ ସୁରକ୍ଷା ସଚେତନତା ରାଲି ଅନୁଷ୍ଠିତ ହୋଇଥିଲା। ରାଲିକୁ ଯାଜପୁରରୋଡ୍ ଥାନାଧିକାରୀ ଉପେନ୍ଦ୍ର ପ୍ରଧାନ ଉଦ୍‌ଘାଟନ କରିବାସହ ପିଲାଙ୍କୁ ଟ୍ରାଫିକ ନିୟମ ମାନିବାକୁ ପରାମର୍ଶ ଦେଇଥିଲେ। ରାଲିରେ ତରୁଣଙ୍କ ମାତାପିତା ଉଷାରାଣୀ ସାମଲ ଓ ଦେବେନ୍ଦ୍ର ସାମଲ ସହଯୋଗ କରିଥିଲେ।



ମଞ୍ଚରେ ମୁଖ୍ୟ ଅତିଥିଙ୍କ ସହ ଅନ୍ୟମାନେ।

## ମଧୁପୁର କଲେଜର ଯୁବ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଯାପିତ

**ରସୁଲପୁର,୨୨।୧୨(ରଞ୍ଜିତ ରାଉତ):** ରସୁଲପୁର ବ୍ଲକ ଅନ୍ତର୍ଗତ ମଧୁପୁର କଲେଜରେ ଅନୁଷ୍ଠିତ ନୂଆ ଓ, ଯୁବ ଓଡ଼ିଶା ଓ ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ କଲେଜ ଅଧ୍ୟକ୍ଷ ଡ. ତୁହିନାଂଶୁ ରଥ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟ, ମୁଖ୍ୟବକ୍ତା ରସୁଲପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ଅରୁଣ ରାଉତ, ସମ୍ମାନିତ ଅତିଥି କଲେଜ ପରିଚାଳନା କମିଟି ସଭାପତି ରମେଶ ଚନ୍ଦ୍ର ନାୟକ, କାର୍ଯ୍ୟକ୍ରମର ମୁଖ୍ୟ ନୋଡାଲ ଅଧିକାରୀ ପ୍ରଧାପକ ପ୍ରଦୀପ ଦାସ, ସଂସ୍କୃତି ବିଭାଗ ନୋଡାଲ ଅଧିକାରୀ ଅଧ୍ୟାପକ ବିନୟ ମହାନ୍ତି, କ୍ରୀଡ଼ା ବିଭାଗ ନୋଡାଲ ଅଧିକାରୀ ଅଧ୍ୟାପକ ସୁରଥ ଶତପଥୀ, ସାମାଜିକ କାର୍ଯ୍ୟର ନୋଡାଲ ଅଧିକାରୀ ଡ. ସତ୍ୟପ୍ରିୟ ସାହୁ ପ୍ରମୁଖ ଯୋଗଦେଇ ଏହି କାର୍ଯ୍ୟକ୍ରମ ବିଦ୍ୟାର୍ଥୀଙ୍କ ମଧ୍ୟରେ ପରିବର୍ତ୍ତନ ଆଣିଦେଇଛି। ପ୍ରତିଭାର ବିକାଶ ଘଟିବା ସହ ପିଲାଙ୍କୁ ମନୋରଞ୍ଜନ ଯୋଗାଇବାର ସୁଯୋଗ ସୃଷ୍ଟି କରିଛି। ସରକାରଙ୍କର ଏହି ପ୍ରୟାସ ପିଲାମାନଙ୍କ ମଧ୍ୟରେ ଉଚ୍ଚ ଶିକ୍ଷିତ ହେବାର ଉତ୍ସାହ ସୃଷ୍ଟି କରାଇବ। ଏହାଛଡ଼ା ବିଦ୍ୟାର୍ଥୀଙ୍କୁ ସଂସ୍କୃତି, କ୍ରୀଡ଼ା ଓ ସାମାଜିକ କ୍ଷେତ୍ରରେ ପାରଦର୍ଶିତା ହାସଲ କରିବାର ସୁଯୋଗ ସୃଷ୍ଟି କରିବ ବୋଲି ମତବ୍ୟକ୍ତ କରିଥିଲେ। ୨ ସପ୍ତାହରୁ ଊର୍ଦ୍ଧ୍ୱ ସମୟ ଧରି ମଧୁପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ମଧୁପୁର ଡିଗ୍ରୀ କଲେଜର ପିଲାଙ୍କୁ ନେଇ ସଂସ୍କୃତି, କ୍ରୀଡ଼ା ଓ ସାମାଜିକ ସମ୍ପର୍କିତ ପ୍ରତିଯୋଗିତାମାନ ଅନୁଷ୍ଠିତ ହୋଇଥିଲା। କୃତିତ୍ୱ ଅର୍ଜନ କରିଥିବା ପ୍ରତିଭାମାନେ ଅତିଥିମାନଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ। କଣ୍ଠଶିଳ୍ପୀ ଅନ୍ତରା ଚକ୍ରବର୍ତ୍ତୀଙ୍କ ଗୀତ ପିଲାମାନଙ୍କୁ ବେଶ୍ ଆନନ୍ଦିତ କରିଥିଲା। ଅଧ୍ୟାପକ ଅଦ୍ୱୈତ ସ୍ୱାଇଁ ମଞ୍ଚ ପରିଚାଳନା କରିଥିବା ବେଳେ ଅଧ୍ୟାପିକା ସବିତା ମିଶ୍ର ଧନ୍ୟବାଦ ଦେଇଥିଲେ।


ଯୁବ ଓଡ଼ିଶା ଓ ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିଙ୍କଠାରୁ କୃତୀ ପ୍ରତିଯୋଗୀ ପୁରସ୍କାର ଗ୍ରହଣ କରୁଛନ୍ତି।

**ବଡ଼ପଲ୍ଲୀ ଉଚ୍ଚ ବିଦ୍ୟାଳୟର ହୀରକ ଜୟନ୍ତୀ ପାଇଁ ପ୍ରସ୍ତୁତି ବୈଠକ**

ରାଜନଗର, (ଭାସ୍କର ରାଉତରାୟ): ରାଜନଗର ବ୍ଲକ କୋଇଲିପୁର ପଞ୍ଚାୟତ ବଡ଼ପଲ୍ଲୀ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ହୀରକ ଜୟନ୍ତୀ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ଛାତ୍ର ଅଧ୍ୟାପକ ଶଶଧର ରାଉତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ଅକ୍ଷୟ କୁମାର ନାୟକ, ପ୍ରଭାକର ପ୍ରଧାନ, ବାମନ ଚରଣ ନାୟକ, ସର୍ବେଶ୍ୱର ନାୟକ, ନୃସିଂହ ଚରଣ ମଲ୍ଲ, ପୀତାମ୍ବର ରାଉତ, ଗୋଲେଖ ରାଉତ, ବିଜୟ କେତନ ମିଶ୍ର, ସୁଧାଂଶୁବାଳା ଷଡ଼ଙ୍ଗୀ ପ୍ରମୁଖ ଯୋଗଦେଇ ହୀରକ ଜୟନ୍ତୀ ସମ୍ପର୍କରେ ଆଲୋଚନା କରିଥିଲେ। ଏ ନେଇ ୧୫ ଜଣିଆ ଉପଦେଷ୍ଟା ମଣ୍ଡଳୀ ଗଠନ ହୋଇଛି। ଉମାକାନ୍ତ ବଳ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ସ୍ୱାଧୀନତା ସଂଗ୍ରାମୀଙ୍କ ପରଲୋକରେ ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀଙ୍କ ଶୋକ

ଡେରାବିଶ, ୨୪।୧୨ (ବେବର୍ତ୍ତା ଅଜୟ ଦାସ)

କେନ୍ଦ୍ରାପଡ଼ା ଜିଲ୍ଲା ଡେରାବିଶ ବ୍ଲକ ଅଧୀନ ଚାଟରାଚକଡ଼ା ପଞ୍ଚାୟତ ହଳଦୀବସନ୍ତ ଗାଁର ସ୍ୱାଧୀନତା ସଂଗ୍ରାମୀ ମାନଗୋବିନ୍ଦ ମଲିକଙ୍କ ପରଲୋକରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୋକବ୍ୟକ୍ତ କରିଛନ୍ତି। ମୁଖ୍ୟମନ୍ତ୍ରୀ ତାଙ୍କ ଶୋକବାର୍ତ୍ତାରେ ସଂଗ୍ରାମୀ ମାନଗୋବିନ୍ଦ ଗାନ୍ଧିଜୀଙ୍କ ଆଦର୍ଶରେ ଅନୁପ୍ରାଣୀତ ହୋଇ ଦେଶସେବାରେ ବ୍ରତୀ ହେବା ସହ ନିଜକୁ ସର୍ବଦା ରଚନାତ୍ମକ କାର୍ଯ୍ୟରେ ନିୟୋଜିତ ରଖିଥିଲେ। କେନ୍ଦ୍ରାପଡ଼ା ଜିଲାରେ ଜଣେ ବିଶିଷ୍ଟ ସାମାଜିକ କର୍ମୀ ଭାବେ ତାଙ୍କର ବିଶେଷ ସୁନାମ ରହିଥିଲା। ମୁଖ୍ୟମନ୍ତ୍ରୀ ସଂଗ୍ରାମୀ ମଲ୍ଲିକଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକ ସନ୍ତପ୍ତ ପରିବାରକୁ ଗଭୀର ସମବେଦନା ଜ୍ଞାପନ କରିଛନ୍ତି। ସେହିପରି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଟୁଇଟ୍ ମାଧ୍ୟମରେ ଡେରାବିଶ ବ୍ଲକ ହଳଦୀବସନ୍ତ ଗାଁର ଶତାୟୁ ସ୍ୱାଧୀନତା ସଂଗ୍ରାମୀ ମାନଗୋବିନ୍ଦଙ୍କ ବିୟୋଗ ଖବର ଶୁଣି ସେ ଦୁଃଖିତ ଓ ମର୍ମାହତ। ତାଙ୍କ ବିୟୋଗରେ ଦେଶ ଜଣେ ସୁପୁତ୍ରଙ୍କୁ ହରାଇଲା। ଦେଶକୁ ସ୍ୱାଧୀନତା ଦେବାରେ ମାନଗୋବିନ୍ଦଙ୍କ ଯୋଗଦାନ ସ୍ମରଣୀୟ ହୋଇରହିବ। ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ସୂଚନାଯୋଗ୍ୟ, ଅସୁସ୍ଥ ଥାଇ ମାନଗୋବିନ୍ଦ ୧୦୩ବର୍ଷ ବୟସରେ ହଳଦୀବସନ୍ତ ଗାଁର ନିଜ ବାସଭବନରେ ଶନିବାର ପରଲୋକ ହୋଇଥିଲା। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ସାମାଜିକ କର୍ମୀ ରାଜେଶ ପଣ୍ଡା, ମାନଗୋବିନ୍ଦଙ୍କ ବଡ଼ ପୁଅ ସତ୍ୟରଞ୍ଜନ, ସାନପୁଅ ବିରଞ୍ଚି ନାରାୟଣ ଓ ଝିଅ ସନ୍ଧ୍ୟାରାଣୀ, ନାତି ବିଶ୍ୱ ପ୍ରକାଶ ଓ ଚାଟରାଚକଡ଼ା ସରପଞ୍ଚ ମମତା ରାଉତଙ୍କ ସମେତ ଶତାଧିକ ବ୍ୟକ୍ତି ତାଙ୍କ ଶବାଧାରରେ ସାମିଲ ହୋଇଥିଲେ।

### ଅଣ୍ଡରା ଶ୍ରୀରାମ ମନ୍ଦିରରେ ଗୀତାଜ୍ଞାନ ଯଜ୍ଞ

ପଟ୍ଟାମୁଣ୍ଡାଇ,୨୪।୧୨ (କଳ୍ପତରୁ ନାୟକ)

ଅଣ୍ଡରା ଶ୍ରୀରାମ ସେବକ ସଂଘ ଆନୁକୂଲ୍ୟରେ ପବିତ୍ର ଗୀତା ଜୟନ୍ତୀ ଅବସରରେ ଗୀତାଜ୍ଞାନ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ ପ୍ରଦୀପ କୁମାର ପାଢ଼ୀ, ପଣ୍ଡିତ ଗଣେଶ ଚନ୍ଦ୍ର ଶତପଥୀ, ପଣ୍ଡିତ ମାନସ ରଞ୍ଜନ ମିଶ୍ର ଓ ପଣ୍ଡିତ ସଞ୍ଜୟ କୁମାର ପାଢ଼ୀଙ୍କ ତତ୍ତ୍ୱାବଧାନରେ ସମସ୍ତ ରୀତିନୀତି ଅନୁଯାୟୀ ଯଜ୍ଞ କାର୍ଯ୍ୟ ସମାପନ କରାଯାଇଥିଲା। ଏହି ଧର୍ମାନୁଷ୍ଠାନରେ ସମଗ୍ର ଧୋୟାଞ୍ଚଳର ବହୁ ଶ୍ରଦ୍ଧାଳୁ ଯୋଗ ଦେଇ ବିଭୁ କୃପା ଲାଭ କରିଥିଲେ। ମର୍ଯ୍ୟାଦା ପୁରୁଷୋତ୍ତମ ପ୍ରଭୁ ଶ୍ରୀରାମଙ୍କର ପରମ ସେବକ କଳ୍ପତରୁ ବାବା ପ୍ରବଚନ ପ୍ରଦାନ କରିଥିଲେ। ସଂଘର ସମ୍ପାଦକ ସୁରେଶ ଚନ୍ଦ୍ର ନାୟକ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମ ଅଣ୍ଡରା ଶ୍ରୀରାମ ସେବକ ସଂଘ ସଦସ୍ୟମାନେ ପରିଚାଳନା କରିଥିଲେ।

### ଚିକିତ୍ସା ପାଇଁ ଆର୍ଥିକ ସହାୟତା

ଆଳି,୨୪।୧୨(ବନମାଳୀ ସେନାପତି)

କେନ୍ଦ୍ରାପଡ଼ା ଜିଲା ଆଳିର ପୂର୍ବତନ ବିଧାୟକ ତଥା ଆଳି ଗାନ୍ଧୀ ଭାବେ ପରିଚିତ ସ୍ୱର୍ଗତ ସହଦେବ ଦାସଙ୍କ ନାମରେ ଗଠିତ ସେବା ସଂସ୍ଥା କିଛିବର୍ଷ ହେବ ସମାଜର ଅବହେଳିତ ବର୍ଗର ସେବା କରିଚାଲିଛି। ଚିକିତ୍ସା କ୍ଷେତ୍ରରେ ଆର୍ଥିକ ସମସ୍ୟାର ସାମ୍ନା କରୁଥିବା ପୀଡ଼ିତଙ୍କ ନିକଟରେ ଏହି ସଂସ୍ଥା ପହଞ୍ଚି ସହଯୋଗର ହାତ ବଢ଼ାଉଛି। ଏହି ଅବସରରେ ସଂସ୍ଥାର କର୍ମକର୍ତ୍ତାମାନେ ମେଣ୍ଢପୁର ପଞ୍ଚାୟତ ଅଧୀନ ଗୋପ ଗାଁର ପ୍ରଫୁଲ୍ଲ ବେହେରାଙ୍କ ସାନପୁଅ ପ୍ରୀତିରଞ୍ଜନ ବେହେରାଙ୍କ ଚିକିତ୍ସା ନିମନ୍ତେ ୫ ହଜାର ଟଙ୍କା ଆର୍ଥିକ ସହାୟତା ଯୋଗାଇ ଦେଇଛନ୍ତି। ଏହି ସମୟରେ ବୀରେନ୍ଦ୍ର ପଣ୍ଡା, ମଧୁସୂଦନ ଦାସ, ବନମାଳୀ ସେନାପତି, ତ୍ରୈଲୋକ୍ୟ ପଣ୍ଡା ଓ ବିନୋଦ ବିହାରୀ ଦାସ ପ୍ରମୁଖ ସଦସ୍ୟମାନେ ଉପସ୍ଥିତ ଥିଲେ।

### ଗୀତା ଜୟନ୍ତୀ ପାଳିତ

କେନ୍ଦ୍ରାପଡ଼ା, ୨୪।୧୨ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ସହର ଗୋପସ୍ଥିତ ରାମ ମନ୍ଦିର ପରିସରରେ ସାମାଜିକ ଅନୁଷ୍ଠାନ ଜୟରାଷ୍ଟ୍ର ପକ୍ଷରୁ ଗୀତା ଜୟନ୍ତୀ ରବିବାର ପାଳନ କରାଯାଇଛି। ଏହି ଆଧ୍ୟାତ୍ମିକ ଉତ୍ସବରେ ବାବା ଗୁରୁକୃଷ୍ଣ ଦାସ ଯୋଗଦେଇ ଦୈନନ୍ଦିନ ଗୀତା ପଠନର ସାମାଜିକ ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। ସଙ୍ଗଠନ ଉପଦେଷ୍ଟା ପୂର୍ଣ୍ଣଚନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରଶ୍ମି ରଞ୍ଜନ ସ୍ୱାଇଁ, ଡା. ବୀରେନ୍ଦ୍ର ଦାସ, ନିରଞ୍ଜନ ମହାରଣା ପ୍ରମୁଖ ଯୋଗଦେଇଥିଲେ।

# ଶିକାରୀଙ୍କ ଲୋଲୁପ ଦୃଷ୍ଟିରେ ଭିତରକନିକା

କେନ୍ଦ୍ରାପଡ଼ା,୨୪।୧୨ (ଜଗନ୍ନାଥ ଧଳ)




ଏବେ ପିକ୍‌ନିକ୍ ଋତୁ ଆରମ୍ଭ ହୋଇଛି। ଏଥିସହ ଆଗକୁ ବଡ଼ଦିନ ଓ ନୂଆ ବର୍ଷ ଭୋଜି ପାଇଁ ଶିକାରୀଙ୍କ ଲୋଲୁପ ଦୃଷ୍ଟି ଜାତୀୟ ଉଦ୍ୟାନ ଭିତରକନିା ଉପରେ ରହିଛି । ବନ୍ୟ ପଶୁ ବାର୍‌ହା, ହରିଣ, ଦେଶୀ ଓ ବିଦେଶାଗତ ପକ୍ଷୀ, ସାମୁଦ୍ରିକ ପ୍ରାଣୀ ଅଲିଭ ରିଡଲେ ଆଦି ଏହି ପିକ୍‌ନିକ ଋତୁରେ ସୁରକ୍ଷିତ ନୁହନ୍ତି। ଏଥିସହିତ ଏବେ ଭିତରକନିକା ସାମୁଦ୍ରିକ ଅଞ୍ଚଳରେ ପ୍ରଚୁର ମାଛ ଦେଖା ଦେଉଥିବାରୁ ବ୍ୟବସାୟୀଙ୍କ ଆଖି ତା' ଉପରେ ରହିଛି। କଟକଣା ସତ୍ତ୍ୱେ ନିଷିଦ୍ଧାଞ୍ଚଳରୁ ପ୍ରାୟ ୬୦ରୁ ଊର୍ଦ୍ଧ୍ୱ ମତ୍ସ୍ୟଜୀବୀ ମାଛ ଧରିବା ଅଭିଯୋଗରେ ଗିରଫ ହୋଇ ସାରିଲେଣି । ଆସନ୍ତା ବଡ଼ଦିନ ଓ ନୂଆବର୍ଷ ପାଇଁ ଶିକାରୀଙ୍କ ଲୋଲୁପ ଦୃଷ୍ଟି ଭିତରକନିକା ଉପରେ ପଡ଼ିଛି ବୋଲି ସ୍ଥାନୀୟ ଅଞ୍ଚଳବାସୀଙ୍କ ମତ ରହିଛି ।

ରାଜନଗରର ବସନ୍ତ କୁମାର ହାତୀ କହିଛନ୍ତି, ଏହି ଦୁଇଦିନରେ ପର୍ଯ୍ୟଟକଙ୍କ ସଂଖ୍ୟା ଅଧିକ ହୋଇଥିବା ବେଳେ ସମସ୍ତ ଅଞ୍ଚଳରେ ଭୋଜିଭାତ ହୋଇଥାଏ । ଏହାକୁ ଦୃଷ୍ଟିରେ ରଖି ଶିକାରୀମାନେ ଶିକାର ଖୋଜିବାରେ ଲାଗି ପଡିଛନ୍ତି । ଭିତରକନିକାରେ ଏବେ ଦେଶୀ ବିଦେଶୀ ପକ୍ଷୀଙ୍କ ଭିଡ଼ ଲାଗିଛି । ସାଧାରଣରେ ଏହି ଶୀତ ଋତୁରେ ବିଦେଶୀ ପକ୍ଷୀଙ୍କ ସମାହାର ଏଠାରେ ଦେଖିବାକୁ ମିଳେ। ଭିତରକନିକା ଆଭ୍ୟନ୍ତର ଓ ବାହ୍ୟ ଅଞ୍ଚଳରେ ପକ୍ଷୀଙ୍କ ଶିକାର ଚାଲିଛି। ଏହାର ମାଂସ ନିକଟସ୍ଥ ବ୍ଲକ ଅଞ୍ଚଳ ସମେତ ପାରାଦୀପ, ଧାମରା, ଯାଜପୁର ଆଦି ଅଞ୍ଚଳକୁ ଯାଉଛି । ଏହା ନୂଆ କଥା ନୁହେଁ । ଜାତୀୟ ଉଦ୍ୟାନ ମଧ୍ୟରେ ଥିବା ବାର୍‌ହା, ହରିଣଠାରୁ ଆରମ୍ଭ କରି ପଶୁପକ୍ଷୀଙ୍କୁ ମାଂସ ପାଇଁ ଶିକାର କରାଯାଉଛି। ଏଥିସହିତ ସାମୁଦ୍ରିକ ଜୀବଙ୍କୁ ଶିକାର କରାଯାଇ ଏହି ଦୁଇ ଦିନରେ ଶିକାରୀ ଏହି ୨ଦିନରେ ଭଲ ରୋଜଗାର କରୁଛନ୍ତି । ଦୋଳଗୋବିନ୍ଦ ଜେନା କହିଛନ୍ତି, ଯନ୍ତା ସହିତ କୁକୁରକୁ କେତେକ ଶିକାରୀ ଶିକାର ସମୟରେ ବ୍ୟବହାର କରୁଛନ୍ତି । ସେହିପରି ବିରଳ ଅଲିଭ ରିଡଲେ କଇଁଛ ଶିକାର ଚାଲିଥିବା ବେଳେ ବନବିଭାଗ ପକ୍ଷରୁ ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ । ବଡ଼ଦିନ ଓ ନୂଆବର୍ଷ ପୂର୍ବରୁ ପଶୁ,ପକ୍ଷୀଙ୍କ ମାଂସ ପାଇଁ ଶିକାର ହେଉଥିବା ସେ ପ୍ରକାଶ କରିଛନ୍ତି । ଏ ସମ୍ପର୍କରେ ରେଞ୍ଜର ମାନସ କୁମାର ଦାସ କହିଛନ୍ତି, ଏନେଇ ବନ ବିଭାଗ ସତର୍କ ଅଛି । ବିଭିନ୍ନ ରେଞ୍ଜ ଅଫିସରଙ୍କୁ ଏସମ୍ପର୍କରେ ଆଲର୍ଟ କରାଯାଇଛି ।

# ସାମନ୍ତରାପୁର ପଞ୍ଚାୟତରେ ବିଜେଡିର ମିଶ୍ରଣ ପର୍ବ



ବିଧାୟକ ସମ୍ବିତ ରାଉତରାୟ ଅନ୍ୟଦଳର କର୍ମୀଙ୍କୁ ବିଜେଡିରେ ସାମିଲ କରାଉଛନ୍ତି।

ତିର୍ତ୍ତୋଲ, ୨୪।୧୨ (ଗୌରାଙ୍ଗ ଚରଣ ସ୍ୱାଇଁ)

ତିର୍ତ୍ତୋଲ ବ୍ଲକ ଅଧୀନ ପାରାଦୀପ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ସାମନ୍ତରାପୁର ପଞ୍ଚାୟତରେ ବିଜେଡିର ମିଶ୍ରଣ ପର୍ବ ଶନିବାର ରାତିରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପାରାଦୀପର ବିଧାୟକ ସମ୍ବିତ ରାଉତରାୟଙ୍କ ଉପସ୍ଥିତିରେ ୭୦ରୁ ଊର୍ଦ୍ଧ୍ୱ ଅନ୍ୟ ଦଳର କର୍ମୀ ବିଜେଡିରେ ମିଶିଥିଲେ। ଏହି ମିଶ୍ରଣ ପର୍ବରେ ପାରାଦୀପର ବିଧାୟକ ରାଉତରାୟ ଦଳୀୟ ଉତ୍ତରୀୟ ପ୍ରଦାନ କରି ଅନ୍ୟ ଦଳରୁ ଆସିଥିବା କର୍ମୀଙ୍କୁ ଦଳକୁ ସ୍ୱାଗତ କରିଥିଲେ। ତାଙ୍କ ବକ୍ତବ୍ୟରେ ସେ ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀଙ୍କ ସ୍ୱଚ୍ଛ ଓ ନିର୍ମଳ ଭାବମୂର୍ତ୍ତି ଓ କାର୍ଯ୍ୟ କରିବାର ଶୈଳୀରେ ବିରୋଧୀ ନେତାମାନେ ହତୋତ୍ସାହିତ ହୋଇପଡୁଥିବାବେଳେ ସେମାନଙ୍କ ଦଳୀୟ କର୍ମୀମାନେ ସେମାନଙ୍କ ଉପରେ ବିଶ୍ୱାସ ରଖି ନ ପାରି ତାଙ୍କ ଦଳ ତ୍ୟାଗ କରି ବିଜେଡିରେ ମିଶୁଛନ୍ତି। ତିର୍ତ୍ତୋଲ ବ୍ଲକ ଅଧ୍ୟକ୍ଷ ମନୋଜ କୁମାର ବେହେରା ଓ ବିଜେଡି ସମ୍ପାଦକ ସୂର୍ଯ୍ୟନାରାୟଣ ବେହେରାଙ୍କ ନେତୃତ୍ୱ ପ୍ରତି ଆସ୍ଥା ପ୍ରକଟ କରି ଯେଉଁମାନେ ବିଜେଡିରେ ମିଶିଛନ୍ତି ସେମାନଙ୍କ ବିଶ୍ୱାସଭାଜନ ହୋଇ କାର୍ଯ୍ୟ କରିବାକୁ ବିଧାୟକ ଦୁଇ ନେତାଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସରପଞ୍ଚ ମଧୁସ୍ମିତା ବେହେରା, ପଞ୍ଚାୟତ ସଭାପତି ନିରଞ୍ଜନ ସ୍ୱାଇଁ, ବରିଷ୍ଠ ନେତା ଅଶୋକ କୁମାର ଚୟନୀ, ଲିଟନ ସ୍ୱାଇଁ, କୁଜଙ୍ଗ ବ୍ଲକ ଅଧ୍ୟକ୍ଷଙ୍କ ପ୍ରତିନିଧି ଅଭୟ କୁମାର ବେହେରା, ବ୍ଲକ ଯୁବ ବିଜେଡି ସଭାପତି ଅରୁଣ କୁମାର ମହାନ୍ତି, ଛାତ୍ର ବିଜେଡି ସମ୍ପାଦକ ବୈକୁଣ୍ଠ ବିହାରୀ ପ୍ରଧାନ, ରାଜ୍ୟ ଛାତ୍ର ବିଜେଡି ଉପସଭାପତି ବିଜୟ କୁମାର ବସନ୍ତିଆ, ବରିଷ୍ଠ ନେତା ବାବାଜୀ ଚରଣ ବସନ୍ତିଆ, ନିର୍ମଳ ନାୟକ, ସମୀର କୁମାର ସ୍ୱାଇଁ ଏବଂ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

# କବିତା ହିଁ ହୃଦୟରେ ପ୍ରଶ୍ନବାଚୀ ସୃଷ୍ଟିକରେ




କବିତା ପାଠୋତ୍ସବରେ ମଞ୍ଚାସୀନ ଅତିଥି।

ପାଟକୁରା,୨୪।୧୨(ରବୀନ୍ଦ୍ରନାଥ ବାରିକ )

କବିତା ହିଁ ହୃଦୟରେ ଜୀବନ ଭରିଦିଏ ଏବଂ ବେଳେ ବେଳେ ପ୍ରଶ୍ନବାଚୀ ସୃଷ୍ଟିକରେ। କବିତାର ଛନ୍ଦରେ ଛନ୍ଦି ହୋଇ ମନରେ ପ୍ରେମ ସୃଷ୍ଟିକରେ ଓ ପ୍ରାଣକୁ ବିଚଳିତ କରେ। କବିତାର ତରଙ୍ଗରେ ତରଙ୍ଗାୟିତ ହୁଏ ପ୍ରେମୀ ହୃଦୟର ଅଶେଷ ଉନ୍ମାଦନା। କବିତା ଶାଣିତ କଟାକ୍ଷରେ ଭାଙ୍ଗିଯାଏ ଅହଂକାର, ଛଳନା, ପ୍ରତାରଣା। କବିତାରେ ବେଳେବେଳେ ସମାଜର ବଡ଼ପଣ୍ଡାଙ୍କ ବଳଶାଳୀ ସାମ୍ରାଜ୍ୟ ଟଳିପଡ଼େ ବୋଲି କବିମାନେ ତାଙ୍କ ସୃଜନଶୀଳ କଲମ ଚାଳନାରେ ପରିପ୍ରକାଶ କରିଛନ୍ତି। ଗରଦପୁର ବ୍ଲକର ଅଗ୍ରଣୀ ସଙ୍ଗଠନ

**କଳାବୁଦାରେ ପୂଜ୍ୟପୂଜା ସଂସଦର କବି ସମ୍ମିଳନୀ, କବିତା ପାଠୋତ୍ସବ**

ପୂଜ୍ୟପୂଜା ସଂସଦ ପକ୍ଷରୁ କଳାବୁଦା ଉତ୍ତରେଶ୍ୱର ମହାଦେବ ମନ୍ଦିର ପରିସରରେ ଆୟୋଜିତ କବି ସମ୍ମିଳନୀ ଓ କବିତା ପାଠୋତ୍ସବରେ କବିମାନେ ସ୍ୱରଚିତ କବିତା ପାଠ କରିଛନ୍ତି। ସଂସଦର ସଭାପତି ଡ. ତ୍ରୈଲୋଚନ ଛାଟୋଇଙ୍କ ସଭାପତିତ୍ୱରେ ଆୟୋଜିତ କବି ସମ୍ମିଳନୀରେ କବି ମାୟାଧର ସ୍ୱାଇଁ, ଶିଶୁ କବୟିତ୍ରୀ ବର୍ଷାରାଣୀ ନାୟକ, କବୟିତ୍ରୀ ବିଦ୍ୟୁତ୍ ପ୍ରଭା ଗୁହାଚାର୍ଯ୍ୟ, କବି ଅନନ୍ୟା ଅନିନ୍ଦିତା ଶତପଥୀ, ଶୁଭଲକ୍ଷ୍ମୀ ପଟ୍ଟନାୟକ, ରାଜଶ୍ରୀ ମହାରଣାଙ୍କ କବିତା ବେଶ୍ ସାବଳୀଳ ଓ ମନମୁଗ୍ଧକର ହୋଇଥିଲା। ଏହି ପାଠୋତ୍ସବରେ ଅତିଥି ଭାବେ କବି ବିଷ୍ଣୁପ୍ରିୟା ପତି, ଗାୟକ ଭୂଷଣ ଗୋପୀନାଥ ନାଥ, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ବିକାଶ କୁମାର ମହାପାତ୍ର, ଅଧ୍ୟାପିକା ବିଚିତ୍ରା ମଞ୍ଜରୀ ତ୍ରିପାଠୀ, ଅବସରପ୍ରାପ୍ତ ପ୍ରାଧ୍ୟାପକ ରଞ୍ଜନ କୁମାର ଦାସ, ଶଶିଭୂଷଣ ମହାନ୍ତି, କବିଶରତ କୁମାର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ସଂସଦର କର୍ମକର୍ତ୍ତା ଦୁର୍ଯ୍ୟୋଧନ ମହାନ୍ତି, କବି ରାଜକିଶୋର ବାରିକ, ପଣ୍ଡିତ ଶାରଦା ଶତପଥୀ ପ୍ରମୁଖ ସହଯୋଗ କରିଥିଲେ।

### ଗୁରୁତର ଷଣ୍ଢର ଚିକିତ୍ସା କରାଇଲେ ଯୁବକ

ନାଉଗାଁ,୨୪।୧୨(ସୁଧା ବେହୁରା)

ନାଉଗାଁ ବ୍ଲକ ଗଙ୍ଗଦା ହାଟରେ ଏକ ବୁଲା ଷଣ୍ଢ ଗୁରୁତର ଅବସ୍ଥାରେ ବୁଲୁଥିବା ବେଳେ ସ୍ଥାନୀୟ ଯୁବକ ଉଦ୍ଧାର କରି ଚିକିତ୍ସା କରାଇଛନ୍ତି। ଏଥିଯୋଗୁ ଷଣ୍ଢଟି ମୃତ୍ୟୁମୁଖରୁ ବର୍ତ୍ତିଯାଇଛି। ଗଙ୍ଗଦା ହାଟରେ ଏକ ଷଣ୍ଢର ଗୁପ୍ତାଙ୍ଗ କୌଣସି କାରଣବଶତଃ କଟିଯାଇ ଗଭୀର କ୍ଷତ ସୃଷ୍ଟି ହୋଇଥିଲା। କଷ୍ଟରେ ଛଟପଟ ହେଉଥିବା ସମୟରେ ସ୍ଥାନୀୟ ଯୁବକ ତଥା ମା' ଦୁର୍ଗାପୂଜା କମିଟିର ସଭାପତି ନରେଶ ସାହୁ, ଉମେଶ ବିଶ୍ୱାଳ, ଖୋକନ ମହାନ୍ତି, ତପୁ ନାୟକ, ମହାଦେବ ସାହୁ ପ୍ରମୁଖ ତାକୁ ବାନ୍ଧିରଖି ନାଉଗାଁ ପ୍ରାଣୀ ଚିକିତ୍ସାଳୟକୁ ଖବର ଦେଇଥିଲେ। ଚିକିତ୍ସାଳୟ ପକ୍ଷରୁ ଅତିରିକ୍ତ ଗୋଷ୍ଠୀ ପ୍ରାଣୀ ଚିକିତ୍ସାଧିକାରୀ ଶୁଭେନ୍ଦୁ ରଞ୍ଜନ ସେଠୀ, ପ୍ରାଣୀଧନ ନିରୀକ୍ଷକ ସଂଗ୍ରାମ ରାଉତ ପହଞ୍ଚି ଷଣ୍ଢଟିର ଅସ୍ତ୍ରୋପଚାର କରିଥିଲେ। ସ୍ଥାନୀୟ ଯୁବକମାନେ ଷଣ୍ଢଟିର ଦାୟିତ୍ୱ ନେବା ସହ ମେଡିସିନ ଓ ଖାଦ୍ୟ ପ୍ରଦାନ କରୁଛନ୍ତି।

### ଅରଗଳ ପଞ୍ଚାୟତର ଜିମ୍ ସେଣ୍ଟର ଉଦ୍‌ଘାଟନ

ଆଳି,୨୪।୧୨ (ବନମାଳୀ ସେନାପତି)

ଆଳି ବ୍ଲକ ଅରଗଳ ପଞ୍ଚାୟତରେ ନିର୍ମାଣ ହୋଇଥିବା ଜିମ୍ ସେଣ୍ଟର(ଗ୍ରାମୀଣ ବ୍ୟାୟମଶାଳା) ରବିବାର ଉଦ୍‌ଘାଟିତ ହୋଇଯାଇଛି। ସରପଞ୍ଚ ଦୀପ୍ତିବାଳା ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନକରି ରାଜ୍ୟ ସରକାରଙ୍କ ଏଭଳି ଏକ ନିଷ୍ପତ୍ତିକୁ ପ୍ରଶଂସା କରିଥିଲେ। ଆଜିର ଯୁବପିଢ଼ି, ଛାତ୍ରୀଛାତ୍ରମାନେ କିଭଳି ଭାବେ ସୁସ୍ଥ ରହିବେ ସେ ନେଇ ରାଜ୍ୟ ସରକାର ପ୍ରତି ପଞ୍ଚାୟତରେ ଜିମ୍ ନିର୍ମାଣ କରାଉଛନ୍ତି। ସରକାରଙ୍କ ପକ୍ଷରୁ ଏହା ସମ୍ପୂର୍ଣ୍ଣ ମାଗଣା ଥିବାରୁ ସମସ୍ତେ ଜିମ୍‌କୁ ଆସି ଏଠାରେ ନିଜର ଶରୀରକୁ ସୁସ୍ଥ ରଖିବା ନିମନ୍ତେ ସେ ନିବେଦନ କରିଛନ୍ତି। ଏହି ଉତ୍ସବରେ ସମିତିସଭ୍ୟା ସ୍ୱପ୍ନାରାଣୀ ପାତ୍ର, ସାମାଜିକ କର୍ମୀ ଶୁକଦେବ ନାୟକ, ବାଦଲ ଧଳ, ଯୁବନେତା ରୋମିଓ ଦାସ, ସରୋଜ ଦାସ, ସତ୍ୟଜିତ ଧଳ ଓ ଚନ୍ଦ୍ରକାନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଇଫ୍‌କୋ ପରିସରରେ ବାର୍ଷିକ ଫେଟେ



ପାରାଦୀପ, ୨୪।୧୨(ଶରତ ରାଉତ)

ପାରାଦୀପ ଇଫ୍‌କୋ ପରିସରରେ ବାର୍ଷିକ ଫେଟେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଲେଡିଜ କ୍ଲବ ଦ୍ୱାରା ଆୟୋଜିତ ଏହି ଫେଟେ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସଦସ୍ୟ ସଚିବ କେ. ମୁରୁଗେସନ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କୋଷ୍ଟଗାର୍ଡ ଡିଆଇଜି ୱାଇ. କେ. ସିଂହ, ଲେଡିଜ କ୍ଲବ ସଭାନେତ୍ରୀ ମମତା ପଟେଲ, ବିନୀତା ସିଂହ, ପରିବେଶ ଯନ୍ତ୍ରୀ ବି.କେ. ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଦିନିକିଆ ଫେଟେ କାର୍ଯ୍ୟକ୍ରମରେ ବିଭିନ୍ନ ଘରକରଣା ସାମଗ୍ରୀ, ହସ୍ତଶିଳ୍ପ ସାମଗ୍ରୀ, ଟେରାକୋଟା ସମ୍ଭାର, ପୋଷାକ ଆଦି ଷ୍ଟଲ୍ ଖୋଲିଥିଲା। ଇଫ୍‌କୋ କର୍ମଚାରୀ, ଶ୍ରମିକ ପରିବାର ସବୁ ଏଥିରେ ଭାଗ ନେଇ ସାମଗ୍ରୀ କିଣାକିଣି କରିବା ସହ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ଘରୋଇ ହାତରନ୍ଧା ଖାଦ୍ୟ ଖାଇଥିଲେ। ଇଫ୍‌କୋ ସ୍ଥାନୀୟ ଅଞ୍ଚଳରେ ବିଭିନ୍ନ କୌଳିକ ବୃତ୍ତି ପାଇଁ ସହଯୋଗ ଓ ସହାୟତା ଯୋଗାଇ ଦେଉଛି। ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବାକୁ ପ୍ରଶିକ୍ଷଣ ଓ ଆବଶ୍ୟକ ସାରଞ୍ଜାମ ଦେଉଛି ବୋଲି କ୍ଲବ ସଭାନେତ୍ରୀ ପଟେଲ ସୂଚନା ଦେଇଥିଲେ। ଏଥିସହ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ନୀରୋଗ ଶରୀର ସୁସ୍ଥ ସମାଜର ସ୍ୱପ୍ନ ଦେଖେ

**ରେଢୁଆ ବିସି କଲେଜରେ ଯୋଗ ପ୍ରଶିକ୍ଷଣ ଶିବିର**

ରଘୁନାଥପୁର,୨୪।୧୨(ରାଜେନ୍ଦ୍ର ନାରାୟଣ ସିଂହ)



ରଘୁନାଥପୁର ବ୍ଲକ ରେଢୁଆସ୍ଥିତ ବୃନ୍ଦାବନ ଚନ୍ଦ୍ର ମହାବିଦ୍ୟାଳୟରେ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରାୟୋଜିତ ନୂଆ-ଓ, ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୨୫୦ ଛାତ୍ରୀଛାତ୍ରଙ୍କୁ ନେଇ ଯୋଗ ଶିବିର ଆୟୋଜନ କରାଯାଇଥିଲା। କଲେଜ ଅଧ୍ୟକ୍ଷ ସରୋଜ କୁମାର ପଣ୍ଡା ଶିବିରକୁ ଉଦ୍‌ଘାଟନ କରି ସ୍ୱାସ୍ଥ୍ୟ ହିଁ ସମ୍ପଦ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ଦିଗ୍‌ଦର୍ଶନ ଦେଇଥିଲେ। ସେ ତାଙ୍କ ବକ୍ତବ୍ୟରେ ନୀରୋଗ ଶରୀର ସୁସ୍ଥ ସମାଜର ସ୍ୱପ୍ନ ଦେଖେ ବୋଲି କହିଥିଲେ। ପତଞ୍ଜଳି ଯୋଗ ପ୍ରଶିକ୍ଷକ ବିଜୟ ରଥ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ପ୍ରକାର ଯୋଗ ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିଲେ। ଯୋଗ କରିବା ଦ୍ୱାରା ଦୁରାରୋଗ୍ୟ ବ୍ୟାଧିରୁ ନିଶ୍ଚିତ ମୁକ୍ତି ମିଳିବ ବୋଲି ସେ କହିଥିଲେ। ନୋଡାଲ ଅଫିସର ଅଧ୍ୟାପକ ପ୍ରତାପ କୁମାର ଲେଙ୍କା ଶିବିରକୁ ପରିଚାଳନା କରିଥିଲେ। ଅଧ୍ୟାପକ ଗଦାଧର ପାଣି, ବଳରାମ ପାଳ, ହିମାଂଶୁ ଜେନା, ସମରେନ୍ଦ୍ର ନାୟକ, ପ୍ରଶାନ୍ତ ନାୟକ, କେଦାର ମୁଦୁଲି, ସରୋଜକାନ୍ତ ମିଶ୍ର ଓ ଅଧ୍ୟାପିକା ସ୍ମିତାରାଣୀ ପ୍ରଧାନ, ଯାଜ୍ଞସେନୀ ରାଉତ ଯୋଗ ଶିବିରରେ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ସହଯୋଗ କରିଥିଲେ।

### ଜନତା ହାଇସ୍କୁଲ ୧୯୮୨ ବ୍ୟାଚର ବନ୍ଧୁମିଳନ

ବାଲିକୁଦା,୨୪।୧୨(ତାପସ ସ୍ୱାଇଁ)

ବାଲିକୁଦା ଜଳସମ୍ପଦ ଡାକବଙ୍ଗଳାରେ ବାହାରନା ପଞ୍ଚାୟତ ଜନତା ଉଚ୍ଚ ବିଦ୍ୟାଳୟର ୧୯୮୨ ବ୍ୟାଚ୍‌ର ବନ୍ଧୁ ମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଆଇନଜୀବୀ ରଞ୍ଜିତ ମହାନ୍ତି ଏଥିରେ ଅଧ୍ୟକ୍ଷତା କରିଥିଲେ। ଇଂ.ରାଜକିଶୋର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଉତ୍ସବରେ ବିଜୟ କୁଅଁର, ତୁଷାର ମହାପାତ୍ର, ପ୍ରଫୁଲ୍ଲ ଦାସ, ସୁବାସ ବେହେରା, ସୁରେନ୍ଦ୍ର ପାଣି, ଝରଣା ସାହୁ, ଗୀତାଞ୍ଜଳି ଦାସ, ରମାକାନ୍ତ ବାରିକ, ପ୍ରମୋଦ ସାହୁ, ବ୍ରଜ ଦାସ, କୈଳାସ ରାଉତ, ନିକୁଞ୍ଜ ସାହୁ, ଶଙ୍କର ଖୁଣ୍ଟିଆ, ଆଶୁତୋଷ ରଥ, ଶୁଭ ବାରିକ, ରାଜକିଶୋର ଲେଙ୍କା ପ୍ରମୁଖ ଯୋଗଦେଇ ନିଜର ଅତୀତ ଓ ବର୍ତ୍ତମାନର ଜୀବନଶୈଳୀ ଉପରେ ଆଲୋକପାତ କରିଥିଲେ।

# ଶ୍ରୀଅରବିନ୍ଦ ଶିକ୍ଷାକେନ୍ଦ୍ରର ବାର୍ଷିକ କ୍ରୀଡ଼ା



ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀମାନେ।

କୁଜଙ୍ଗ,୨୪।୧୨(ମନୋଜ ପ୍ରଧାନ)

ଏରସମା ବ୍ଲକ ଗଡ଼କୁଜଙ୍ଗସ୍ଥିତ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଏକବିଂଶତମ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ୪ଦିନ ଧରି ଆୟୋଜିତ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାରେ ଶିକ୍ଷାକେନ୍ଦ୍ରର ୧୩୫ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଏହି ଉପଲକ୍ଷେ ଶନିବାର ସନ୍ଧ୍ୟାରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ୪ ନଂ. ଜୋନ୍ ଜିଲା ପରିଷଦ ସଭ୍ୟ ପିନାକୀ ନାରାୟଣ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ କ୍ରୀଡ଼ା ପ୍ରତିଯୋଗିତାରେ ଚାମ୍ପିୟନ ହୋଇଥିବା ରୁଦ୍ରପ୍ରତାପ ସାହୁ, ସୁଶୀଲ ସେଠୀ, ସୁଧାଂଶୁ ଶେଖର ସାହୁ, ଭାଗ୍ୟଶ୍ରୀ ତରାଇ, ସାଧନା ସ୍ୱାଇଁ, ନିହାରିକା ସାମଲ, ଅନନ୍ୟା ବେହେରା, ସ୍ତୁତିରେଖା ଭୋଳଙ୍କ ସମେତ ସମସ୍ତ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଶିକ୍ଷାକେନ୍ଦ୍ର ପରିଚାଳନା କମିଟି ସଭାପତି ଇଂ. ହେମନ୍ତ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ସମ୍ମାନିତ ଅତିଥିଭାବେ ଗଡ଼କୁଜଙ୍ଗ ଯୁଥ୍ ଅର୍ଗାନାଇଜେଶନ ସଭାପତି ସନ୍ତୋଷ କୁମାର ବିଶ୍ୱାଳ, ପ୍ରଶାନ୍ତ କୁମାର ମହାପାତ୍ର, ଅଂଶୁମାନ ମିଶ୍ର, ଚଟୁଆ ହାଇସ୍କୁଲ ପରିଚାଳନା କମିଟି ସଭାପତି ଦେବଦତ୍ତ ସାହାଣୀ, ରାଜକିଶୋର ସାହୁ, ପ୍ରକାଶ ଦାସ, ସଞ୍ଜୟ ମହାପାତ୍ର, ପ୍ରଦୀପ ଭୋଇ, ଜ୍ୟୋତିଷ ରଞ୍ଜନ ସାହୁ, ସତ୍ୟବାନ ସାହୁ ଓ ଗୀତାଞ୍ଜଳି ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷାକେନ୍ଦ୍ର ସମ୍ପାଦକ ସୂର୍ଯ୍ୟକାନ୍ତ ସାହୁ ଅତିଥି ପରିଚୟ ପ୍ରଦାନ କରିବା ସହ ଅଧ୍ୟକ୍ଷ କିଶୋର ଚନ୍ଦ୍ର ସ୍ୱାଇଁ ଧନ୍ୟବାଦ ଦେଇଥିଲେ। ଶୁଭଲକ୍ଷ୍ମୀ ସାହୁ, ଲିପ୍ସାରାଣୀ ସ୍ୱାଇଁ, ଇତିଶ୍ରୀ ଜେନା, ଗୀତାଞ୍ଜଳି ଦାସ, ଶୁଭଶ୍ରୀ ମହାପାତ୍ର, ରାଜେନ୍ଦ୍ର ସ୍ୱାଇଁ, ପବିତ୍ର ନନ୍ଦ ଦାସ ପ୍ରମୁଖ ଏହି ଉତ୍ସବ ପରିଚାଳନା କରିଥିଲେ।

# ପୁନଙ୍ଗ ଚାରିପୋଲିଆରେ ବିଜେଡିର ପରିବାର ସମ୍ପର୍କ ଅଭିଯାନ

ଜଗତ୍‌ସିଂହପୁର,୨୪।୧୨
(ପ୍ରମୋଦ କୁମାର ନାୟକ)




ପରିବାର ସମ୍ପର୍କ ଅଭିଯାନରେ ଅମରେନ୍ଦ୍ର ଦାସ ଓ ଅନ୍ୟମାନେ।

ଜଗତ୍‌ସିଂହପୁର ଜିଲା ପୂର୍ବତନ ବିଜେଡି ସଭାପତି ତଥା ପୂର୍ବତନ କାଜୁ ନିଗମ ଅଧ୍ୟକ୍ଷ ଅମରେନ୍ଦ୍ର ଦାସଙ୍କୁ ନେଇ ଜିଲାରେ ଚର୍ଚ୍ଚା ଚାଲିଛି। ଜଗତ୍‌ସିଂହପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଜଗତ୍‌ସିଂହପୁର ଏବଂ ନାଉଗାଁ ବ୍ଲକରେ ବିଭିନ୍ନ ସମୟରେ ଅନ୍ୟ ଦଳୀୟ କର୍ମୀମାନେ ତାଙ୍କ ସାଙ୍ଗଠନିକ କାର୍ଯ୍ୟ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ ଯୋଜନାରେ ପ୍ରଭାବିତ ହୋଇ ବିଜେଡିରେ ଯୋଗଦେଉଛନ୍ତି। ଗତ ସାଧାରଣ ନିର୍ବାଚନ ସମୟରୁ ଏପର୍ଯ୍ୟନ୍ତ ଅମରେନ୍ଦ୍ର ନିର୍ବାଚନମଣ୍ଡଳୀର ସାଙ୍ଗଠନିକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଚେଷ୍ଟା ଜାରି ରଖିଛନ୍ତି। ରବିବାର ସ୍ଥାନୀୟ ପୁନଙ୍ଗ ପଞ୍ଚାୟତର ଚାରିପୋଲିଆଠାରେ ବିଜେଡି ପକ୍ଷରୁ ଅନୁଷ୍ଠିତ ପରିବାର ସମ୍ପର୍କ ଅଭିଯାନ ସଭାରେ ଏଭଳି ସ୍ୱର ଉଠିଥିଲା। ଏହି ଅବସରରେ ପୁନଙ୍ଗ, ଅଁଳା ଓ ସିଂହାରପୁର ପଞ୍ଚାୟତର ସହସ୍ରାଧିକ ଯୁବ, ଛାତ୍ର, ମହିଳା ଓ ଅନ୍ୟ କର୍ମୀମାନେ ଯୋଗଦେଇ ଅମରେନ୍ଦ୍ରଙ୍କ ନେତୃତ୍ୱ ଦ୍ୱାରା ଦଳ ଅଧିକ ଶକ୍ତିଶାଳୀ ହେଉଥିବା କୁହାଯିବା ନିଆରା ପରିବେଶ ସୃଷ୍ଟି କରିଥିଲା।

କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଅମରେନ୍ଦ୍ର ଯୋଗଦେଇ କହିଥିଲେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟବାସୀଙ୍କ ପାଇଁ ଅହରହ କାମ କରିଚାଲିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଲୋକାଭିମୁଖୀ ଯୋଜନାର ଲାଭ ରାଜ୍ୟବାସୀ ପାଇପାରୁଛନ୍ତି। ନବୀନ ବାବୁଙ୍କ ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନା ହେଉଛି ରାଜ୍ୟ ପାଇଁ ବରଦାନ ବୋଲି ସେ କହିଥିଲେ। ସାମାଜିକ କର୍ମୀ ବିଜୟ ମହାପାତ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ସଭାରେ ସମ୍ମାନିତ ଅତିଥିଭାବେ ପୂର୍ବତନ ଜଗତ୍‌ସିଂହପୁର ବ୍ଲକ ଅଧ୍ୟକ୍ଷ ପ୍ରସନ୍ନ ସ୍ୱାଇଁ, ପୂର୍ବତନ ଉପାଧ୍ୟକ୍ଷ ଲକ୍ଷ୍ମୀକାନ୍ତ ସ୍ୱାଇଁ, ପୁନଙ୍ଗ ପଞ୍ଚାୟତ ପୂର୍ବତନ ସମିତିସଭ୍ୟ ରମେଶ ସ୍ୱାଇଁ, ମୁରଲୀଧର ଦାସ ଓ ସରସ୍ୱତୀ ଦାସ ପ୍ରମୁଖ ଯୋଗଦେଇ ଆଗକୁ ନିର୍ବାଚନ ଆସୁଥିବାରୁ ସାଙ୍ଗଠନିକ କାର୍ଯ୍ୟକୁ ଆହୁରି କ୍ରିୟାଶୀଳ କରିବା ଉପରେ ମତବ୍ୟକ୍ତ କରିଥିଲେ। ଆୟୋଜିତ ସଭାରେ ପୁନଙ୍ଗ ପଞ୍ଚାୟତର ବିଜେଡି କର୍ମୀ ଶରତ ଦାସ, ନିର୍ମଳ କୁମାର ବାରିକ, ରଶ୍ମି ରଞ୍ଜନ ସ୍ୱାଇଁ, ନୃସିଂହ ଚରଣ ଦାସ, ଅଶୋକ କୁମାର ଦାସ, ରତ୍ନ ସାଗର ସ୍ୱାଇଁ, କ୍ଷେତ୍ରମୋହନ ଦାସ, ସୌମ୍ୟରଞ୍ଜନ ସାହୁ, ରଶ୍ମି ରଞ୍ଜନ ସାହୁ, ଅଁଳା ପଞ୍ଚାୟତ ବିଜେଡି କର୍ମୀ ସତ୍ୟଜିତ ସାହୁ, ବିଭୂତି ସ୍ୱାଇଁ, ଜାକିର ଖାଁ ଓ କରନ ଖାଁ ଉପସ୍ଥିତ ଥିଲେ। ଏଥିସହ ସାରଙ୍ଗ ପାଇଟାଳ, ସେକ୍ ରକିବ ଉଦ୍ଦିନ, ସିଂହାରପୁର ପୂର୍ବତନ ପଞ୍ଚାୟତ ସଭାପତି ସୁରେଶ ଚନ୍ଦ୍ର ଦାସ, ମାଇନର କମ୍ୟୁନିଟି ନେତା ସେକ ରକିବ ଉଦ୍ଦିନ, କୃଷ୍ଣଚନ୍ଦ୍ର ମହାନ୍ତି, ପୂର୍ବତନ କାଉନ୍‌ସିଲର ସୁଶାନ୍ତ ରଞ୍ଜନ ସ୍ୱାଇଁ, ଶିକ୍ଷାବିତ୍ ବିଦ୍ୟୁଭୂଷଣ ତ୍ରିପାଠୀ, ଯୁଧିଷ୍ଠିର ସ୍ୱାଇଁ, ବିଶିଷ୍ଟ ଯାଦୁକର ଆର୍. କେ. ହୀରାଲାଲ, ବିଦ୍ୟୁର ନାୟକ, ଅଲଣା ପଞ୍ଚାୟତ ପୂର୍ବତନ ସରପଞ୍ଚ ସୁଶାନ୍ତ ମଲ୍ଲିକ, ନାଉଗାଁ କଲେଜ ପୂର୍ବତନ ଛାତ୍ର ସଂସଦ ସଭାପତି ତାପସ ଦାସ, ଜଗତ୍‌ସିଂହପୁରସ୍ଥିତ ଏସ୍‌ଭିଏମ୍ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ର ସଂସଦ ପୂର୍ବତନ ସଭାପତି ତନ୍ମୟ ମହାପାତ୍ର, ଅତିଶ ସ୍ୱାଇଁ ଓ ସେକ୍ ଇମତିଆଜ ପ୍ରମୁଖ ଯୋଗଦେଇ ବିଜେଡି ଶକ୍ତି ବୃଦ୍ଧି ଉପରେ ଗୁରୁତ୍ୱାରୋପ କରିଥିଲେ।

## ସଂକ୍ଷେପରେ

### ସପ୍ତସ୍ୱର କଳାକେନ୍ଦ୍ର ପ୍ରତିଷ୍ଠା ପାଇଁ ନିଷ୍ପତ୍ତି

ବେଲଗୁଣ୍ଠା,୨୪।୧୨(କୃଷ୍ଣଚନ୍ଦ୍ର ପଟ୍ଟନାୟକ): ବେଲଗୁଣ୍ଠା ବ୍ଲକ ବରିଷ୍ଠ କଳାକାର ସଂଘ ତରଫରୁ କାର୍ଯ୍ୟନିର୍ବାହୀ କମିଟି ବୈଠକ ସଂଘ ସଭାପତି ସୁରେନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଗୋବରାସ୍ଥିତ ସ୍ୱାମୀ ବୈକୁଣ୍ଠନାଥ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କଳାକାର ସଂଘ ଗୃହ ନିର୍ମାଣ ସହ ନିଜସ୍ୱ ଉଦ୍ୟମରେ 'ସପ୍ତସ୍ୱର କଳାକେନ୍ଦ୍ର' ପ୍ରତିଷ୍ଠା କରି ଓଡିଶୀ ନୃତ୍ୟସଂଗୀତ ଶିକ୍ଷାଦାନ ସହ ଘୁମୁସର ମାଟିର କଳା ସଂସ୍କୃତିର ରକ୍ଷଣାବେକ୍ଷଣ ଦିଗରେ ପଦକ୍ଷେପ ନେବା ନିମନ୍ତେ ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ନାରାୟଣ ଗୌଡ, ନାଟ୍ୟ-ବିଦ୍ୟା-ବୃଦ୍ଧ ପ୍ରଫୁଲ୍ଲ ବେହେରା, ରାଜେନ୍ଦ୍ର ମହାପାତ୍ର, ଶିବରାମ ରାଉତ, ରାଜେନ୍ଦ୍ର ଗୌଡ, ପ୍ରଫୁଲ୍ଲ କୁମାର ବିଷୋୟୀ ପ୍ରମୁଖ ଅଂଶଗ୍ରହଣ କରି ଜାନୁଆରୀ ମାସରେ ବାର୍ଷିକୋତ୍ସବ ପାଳନ ନିମନ୍ତେ ନିଷ୍ପତ୍ତି ନେଇଥିଲେ। ନିଖିଳ ଓଡ଼ିଶା ବରିଷ୍ଠ କଳାକାର ମହାସଂଘର ମହାସଚିବ ସୁବାସ ଚନ୍ଦ୍ର ସାହୁ ରୋଶନ୍ କଳାକାର ଏକତା ଭିତରେ ଉଭୟ କଳାକାର ଓ ସମାଜର ପ୍ରଗତି ସଂଗୋପିତ ବୋଲି ଭିଡିଓ ବାର୍ତ୍ତା ମାଧ୍ୟମରେ ଉଦବୋଧନ ଦେଇଥିଲେ। ସଂପାଦକ ରଞ୍ଜିତ କୁମାର ପାତ୍ର ସ୍ୱାଗତ ଭାଷଣ ସହ ବୈଠକର ଆଭିମୁଖ୍ୟ ସଂପର୍କରେ ଆଲୋକପାତ କରିଥିଲେ। ବେଲଗୁଣ୍ଠା ବ୍ଲକ ସଂଯୋଜକ ଈଶ୍ୱର ଚନ୍ଦ୍ର ଗୌଡ ସଂଯୋଜନା କାର୍ଯ୍ୟ ସମ୍ପାଦନ କରିଥିବା ବେଳେ ସହ-ସଂପାଦକ ରମେଶ ଚନ୍ଦ୍ର ଗୌଡ ଧନ୍ୟବାଦ ଅର୍ପଣ କରିଥିଲେ।

### ସଙ୍କଟେଶ୍ୱରଙ୍କ ପୀଠରେ ନାମଯଜ୍ଞ

ଗଞ୍ଜାମ,୨୪।୧୨(ବିଦ୍ୟାଧର ସାହୁ) ଗଞ୍ଜାମ ବ୍ଲକ ଗଡ଼ହୁମ୍ମାଠାରେ ଥିବା ସଙ୍କଟେଶ୍ୱର ଶୈବପୀଠରେ ୨୪ ପ୍ରହର ନାମଯଜ୍ଞ ରବିବାର ଆରମ୍ଭ ହୋଇଛି। ଏଥିପାଇଁ ଶନିବାର କଳସ ଯାତ୍ରା ହୋଇଥିଲା। ଏଥିରେ ୧ ହଜାରରୁ ଅଧିକ ମହିଳା ସାମିଲ ହୋଇ ଋଷିକୂଲ୍ୟା ନଦୀରୁ ପାଣି ନେଇ ଯଜ୍ଞ ମଣ୍ଡପ ନିକଟରେ ଘଟସ୍ଥାପନ କରିଥିଲେ। ଏହି ଅବସରରେ ଭାଗବତ ବାଚସ୍ପତି ଜ୍ୟୋତିଷରତ୍ନ ପଣ୍ଡିତ ତୁମ୍ବନାଥ ତ୍ରିପାଠୀଙ୍କ ପୌରୋହିତ୍ୟରେ ଆୟୋଜିତ ଯଜ୍ଞ ବିଶ୍ୱ ମଙ୍ଗଳ ନିମନ୍ତେ ଗ୍ରାମବାସୀ ଆୟୋଜିତ କରୁଛନ୍ତି। ଶନିବାର ଅଙ୍କୁରାରୋପଣ, ଶାଳା ସଂସ୍କାର, ଅଗ୍ନି ସଂସ୍କାର ଓ ନାମଯଜ୍ଞ ଆରମ୍ଭ ହୋଇଛି। ଆସନ୍ତା ବୁଧବାର ଯଜ୍ଞ ପୂର୍ଣ୍ଣାହୁତି ଦିଆଯିବ। ଗ୍ରାମ୍ୟ କମିଟି ସଭାପତି ଯଦୁନାଥ ବେହେରା, ଉପସଭାପତି ସୁବ୍ରତ ପଟ୍ଟନାୟକ, ସମ୍ପାଦକ ସୂର୍ଯ୍ୟନାରାୟଣ ପଣ୍ଡା, ପ୍ରକଶ କୁମାର ମହାପାତ୍ର, ଲିଙ୍ଗରାଜ ମୁଦୁଲି, ଆଶିଷ ମୁଦୁଲି, ହରପ୍ରସାଦ ସାମନ୍ତ, ବସନ୍ତ ସାମନ୍ତଙ୍କ ସମେତ ଗ୍ରାମବାସୀ ପରିଚାଳନା କରୁଛନ୍ତି।

### ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ

କୋଦଲା,୨୪।୧୨(ଅମିତ କୁମାର ପଟ୍ଟନାୟକ) କୋଦଲା ଲକ୍ଷ୍ମୀ ନାରାୟଣ ସ୍ନାତକ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ମହିଳା ୟୁନିଟର ରାମଚନ୍ଦ୍ରପୁର ପୋଷ୍ୟଗ୍ରାମରେ ବିଭିନ୍ନ କାର୍ଯ୍ୟକ୍ରମ ଚାଲିଛି। ତୃତୀୟ ଦିବସରେ କାର୍ଯ୍ୟକ୍ରମ ଅଧିକାରୀ ସାଗରିକା ଦାସ ଓ ସ୍ୱେଚ୍ଛାସେବୀଙ୍କ ଗହଣରେ ଅଧ୍ୟାପକ ବିଷ୍ଣୁ ନାରାୟଣ ସେଠୀ ଓ ଦେବେନ୍ଦ୍ର ମହାରଣା ଅତିଥି ଭାବେ ଯୋଗ ଦେଇ ନାରୀ ଶିକ୍ଷା ଉପରେ ଗୁରୁତ୍ୱ ଦେଇଥିଲେ। ସ୍ୱେଚ୍ଛାସେବୀମାନେ ନଗର ଭ୍ରମଣ କରି ପୋଷ୍ୟ ଗ୍ରାମର ପ୍ରତିଟି ପରିବାରକୁ ଯାଇ ନାରୀ ଶିକ୍ଷା ଉପରେ ବୁଝାଇଥିଲେ। ପରିବାରରେ ଝିଅ ମାନଙ୍କ ଉପରେ ଗୁରୁତ୍ୱ ଦେଇଥିଲେ। ଝିଅଟିଏ ପାଠ ପଢ଼ିବା ଦ୍ୱାରା ମହିଳା ସସକ୍ତିକରଣ ହୋଇପାରିବ। ଏହାର ଉପରେ ଗୁରୁତ୍ୱ ଦେଲେ ମହିଳା ମାନେ ଆଗକୁ ଯାଇପାରିବେ ଏବଂ ଦେଶର ଉନ୍ନତି ହୋଇପାରିବ ବୋଲି କହିଥିଲେ।

### ମା' ବରାହୀପୀଠ ମନ୍ଦିରରୁ ଅଳଙ୍କାର ଲୁଟ୍

ଚିକିଟି,୨୪।୧୨(ପ୍ରକାଶ ଚନ୍ଦ୍ର ସାହୁ): କେ.ନୂଆଗାଁ ଥାନା ଚିକିଟି ଫାଣ୍ଡି ଅନ୍ତର୍ଗତ ମା' ବରାହୀପୀଠ ମନ୍ଦିରରୁ ଶନିବାର ମଧ୍ୟରାତ୍ରିରେ କେହି ଦୁର୍ବୃତ୍ତ ମା'ଙ୍କୁ ପିନ୍ଧାଯାଇଥିବା ବିଭିନ୍ନ ଅଳଙ୍କାର ଏବଂ ଦାନହୁଣ୍ଡି ଲୁଟିନେଇ ଫେରାର ହୋଇଯାଇଛନ୍ତି। ଏ ନେଇ ପୂଜାରୀ ପାଣ୍ଡା ରାଉଳ କେ.ନୂଆଗାଁ ଥାନାରେ ଏତଲା ଦେଇଛନ୍ତି। ଚିକିଟି ଫାଣ୍ଡି ଅଧିକାରୀ ସୁମନ କୁମାର ମଲ୍ଲିକ ତଦନ୍ତ କରି ଫେରିଥିବା ଜଣାପଡିଛି।

# ଥମେଇଛି ମିଶନ ଶକ୍ତି ସ୍କୁଟର ଯୋଜନା

- ନୀଳ ରଙ୍ଗର ଚାହିଦା ବେଶି
- ସ୍କୁଟର ନ ମିଳିବା ପୂର୍ବରୁ କଟୁଛି ଇଏମ୍ଆଇ

ଛତ୍ରପୁର, ୨୪।୧୨(ସନ୍ତୋଷ ପାଢ଼ୀ): ଗଞ୍ଜାମ ଜିଲାରେ ମିଶନ ଶକ୍ତି ସ୍କୁଟର ଯୋଜନାରେ ମହିଳାମାନଙ୍କୁ ସ୍କୁଟି ମିଳିବାରେ ବିଳମ୍ବ ହେଉଛି। ବ୍ୟାଙ୍କଗୁଡିକ ଋଣ ପ୍ରଦାନରେ ଟାଳଟୁଳ ନୀତି ଅଲମ୍ବନ କରୁଥିବା, ଚାହିଦା ଓ କଲର ଅନୁଯାୟୀ ସ୍କୁଟି ନମିଳିବା ବିଳମ୍ବର କାରଣ ହୋଇଛି। କେଉଁଠି ସ୍କୁଟି ନମିଳିବା ପୂର୍ବରୁ ଋଣ ବାବଦରେ ଇଏମ୍ଆଇ କଟୁଛି ତ ଆଉ କେଉଁଠି ଗାଡିର କଲର ସମସ୍ୟା ଓ ଡେଲିଭରିରେ ବିଳମ୍ବ ହେଉଛି। ଗତ ସପ୍ତାହରେ ଅନୁଷ୍ଠିତ ଗଞ୍ଜାମ ଜିଲା ବ୍ୟାଙ୍କ ପରାମର୍ଶଦାତା ବୈଠକରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା। ସ୍କୁଟି ନମିଳିବା ପୂର୍ବରୁ ଋଣ ବାବଦରେ ଇଏମ୍ଆଇ କଟୁଥିବା ନେଇ ବୈଠକରେ ଉଦବେଗ ପ୍ରକାଶ ପାଇଥିଲା। ବ୍ୟାଙ୍କ ସହ ଗାଡି ଡିଲରଙ୍କ ପରାମର୍ଶ ଆବଶ୍ୟକ ବୋଲି କୁହାଯାଇଥିଲା। ଜିଲାରେ ବର୍ତ୍ତମାନ ସୁଦ୍ଧା ବ୍ରହ୍ମପୁର ମହାନଗର ସମେତ ୨୨ଟି ବ୍ଲକରେ ୫୨୩୩ ଜଣ ମହିଳା ଆବେଦନ କରିଥିବା ବେଳେ ସମସ୍ତଙ୍କ ଦରଖାସ୍ତ ବିଭିନ୍ନ ବ୍ୟାଙ୍କରୁ ଋଣ ମଞ୍ଜୁର ପାଇଁ ପଠାଯାଇଥିଲା। ସେଥିରୁ ୨୩୦୭ ଜଣଙ୍କର ଋଣ ମଞ୍ଜୁର ହୋଇଥିଲା ବେଳେ ମାତ୍ର ୧୬୮୬ ଜଣଙ୍କୁ ସ୍କୁଟି ପ୍ରଦାନ କରାଗଲାଣି। ଏପରିକି ୨୦୦ ଜଣଙ୍କ ଆବେଦନ ବ୍ୟାଙ୍କମାନଙ୍କ ପକ୍ଷରୁ ଖାରଜ କରାଯାଇଥିବା ଜଣାଯାଇଛି। ଆହୁରି ୨୭୦୭ ଜଣଙ୍କ ଆବେଦନର ଫଇସଲା ବାକି ରହିଛି। ଡିସେମ୍ବର ଶେଷ ସୁଦ୍ଧା ଏହି ଲକ୍ଷ୍ୟ ପୂରଣ ଲାଗି ବୈଠକରେ ବ୍ୟାଙ୍କଗୁଡିକୁ ନିର୍ଦ୍ଦେଶ ଦିଆଯାଇଛି। ଅନେକ ବ୍ଲକରେ ସ୍ଥିତି ନୈରାଶ୍ୟଜନକ ରହିଛି। ଏହି ଯୋଜନା ଆସନ୍ତା ୫ ବର୍ଷ ପର୍ଯ୍ୟନ୍ତ ଚାଲୁ ରହିବ ଏବଂ ପ୍ରତି ଆର୍ଥିକ ବର୍ଷରେ ସ୍କୁଟି ପ୍ରଦାନ ନେଇ ଧାର୍ଯ୍ୟ ଲକ୍ଷ୍ୟ ଆସିବ। ବ୍ରହ୍ମପୁର ସମେତ ଜିଲାର ବିଭିନ୍ନ ବ୍ୟାଙ୍କରେ ଋଣ ଯେତିକି ସଂଖ୍ୟାରେ ମଞ୍ଜୁରୀ କରାଯାଇଛି ସେତିକି ପରିମାଣରେ ଗାଡି ଦିଆଯାଇନାହିଁ। ମାତ୍ର ବ୍ୟାଙ୍କ ଯେବେ ଠାରୁ ଋଣ ମଞ୍ଜୁରୀ କଲା ସେହି ଦିନରୁ ସୁଧ ନେବ। ପ୍ରତି ମାସରେ ଋଣରୁ କିଛି କଟିବ। ଅର୍ଥାତ ଋଣ ମଞ୍ଜୁରୀ ପରେ ଗାଡି ମିଳି ନଥିବା ସତ୍ତ୍ୱେ ସୁଧ ଦେବାକୁ ପଡୁଛି। ଅନ୍ୟପକ୍ଷରେ ଏହି ଋଣ ପାଇଁ ଭାରତୀୟ ଷ୍ଟେଟ ବ୍ୟାଙ୍କ କିଛି ନିୟମ ପରିବର୍ତ୍ତନ କରିଥିବାରୁ ଋଣ ମଞ୍ଜୁରୀ କରିବାରେ ମଧ୍ୟ କେତେକ ପ୍ରତିବନ୍ଧକ ସୃଷ୍ଟି ହେଉଛି। ଜିଲାରେ ସର୍ବାଧିକ ୧୨୨୬ ଆବେଦନ ପତ୍ର ଭାରତୀୟ ଷ୍ଟେଟ ବ୍ୟାଙ୍କରେ ପେଣ୍ଡିଙ୍ଗ ଥିବା ଜଣାପଡିଛି। ଋଣ ମଞ୍ଜୁର ଯେତିକି ହେଉଛି ସେ ବାବଦରେ ରାଜ୍ୟ ସରକାରଙ୍କ ପକ୍ଷରୁ ତାହାର ସୁଧ ବାବଦରେ ବ୍ୟାଙ୍କଗୁଡିକୁ ପୈଠ କରାଯାଇ ସାରିଥିବା ସୂଚନା ଦିଆଯାଇଛି। ହେଲେ ହିତାଧିକାରୀଙ୍କୁ ସ୍କୁଟି ଡେଲିଭରିରେ ବିଳମ୍ବ ହେଉଛି। ତେଣୁ ଶୀଘ୍ର ଏହାକୁ ତ୍ୱରାନ୍ୱିତ ପାଇଁ ବ୍ୟାଙ୍କଗୁଡିକୁ ଜିଲା ପ୍ରଶାସନ ପକ୍ଷରୁ ତାଗିଦ କରାଯାଇଛି।

## ଶିକ୍ଷା, ଅଧିକାର ସମ୍ପର୍କିତ ସଚେତନତା



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ଆର.ଉଦୟଗିରି,୨୪।୧୨(ମନୋଜ କୁମାର ପାଢୀ) ଆର.ଉଦୟଗିରି ବ୍ଲକ ଅନ୍ତର୍ଗତ ଆର,ଉଦୟଗିରି ମହେନ୍ଦ୍ର ତନୟା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନୂଆ ଓଡିଶା ଯୁବ ଓଡିଶା ତରଫରୁ ସାମାଜିକ କାର୍ଯ୍ୟକ୍ରମ ଆଧାରରେ ଶିଶୁ କନ୍ୟାର ଶିକ୍ଷା ଓ ଅଧିକାର ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମରେ ଏକତା ଏନ୍‌ଜିଓ ତରଫରୁ ଗୀତାରାଣୀ ଦୋରା ଓ ଦିବ୍ୟା କୁମାରୀ ବେହେରା ଯୋଗଦେଇ ଛାତ୍ରୀଛାତ୍ରୀଙ୍କୁ ଶିଶୁ କନ୍ୟାର ଶିକ୍ଷା ଓ ଅଧିକାର ସମ୍ପର୍କିତ ବହୁ ପ୍ରସଙ୍ଗରେ ସଚେତନ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ନୋଡାଲ ଅଧିକାରୀ ନୀଳାଚଳ ପାଣିଗ୍ରାହୀଙ୍କ ସମେତ ଅନ୍ୟ ସମସ୍ତ ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀ ବୃନ୍ଦ ଯୋଗ ଦେଇ ଓଡ଼ିଶା ସରକାରଙ୍କ କ୍ରିଡ଼ା ଓ ଯୁବ ସେବା ବିଭାଗର ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ।

## ୱାଣ୍ଡେର୍ଲା ପ୍ଲେ ସ୍କୁଲର ନବମ ବାର୍ଷିକ ଉତ୍ସବ

ପାରଳାଖେମୁଣ୍ଡି, ୨୪।୧୨ (ଗିରିଧାରୀ ପରିଚ୍ଛା): ସ୍ଥାନୀୟ ଅର୍ବାନ ବ୍ୟାଙ୍କ ପଡିଆ ଠାରେ ରବିବାର ୱାଣ୍ଡେର୍ଲା ପ୍ଲେ ସ୍କୁଲର ୯ମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଅଛି। ପାରଳା ପୌରାଧ୍ୟକ୍ଷା ନିର୍ମଳା ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଓଡ଼ିଶା ସଙ୍ଗୀତ ଏକାଡେମୀ ପୁରସ୍କାରପ୍ରାପ୍ତ ଗୁରୁ ରଘୁନାଥ ପାତ୍ର, ଓଡିଶୀ ନୃତ୍ୟଶିଳ୍ପୀ ତଥା ଦେବଦାସୀ, ଭକ୍ତି ଆଖଡ଼ା ଓ ନୁପୁର ପରି ଟେଲିଭିଜନ କାର୍ଯ୍ୟକ୍ରମର ବିଚାରକ ଗୁରୁ ବିବେକ ମହାନ୍ତି, ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଶିକ୍ଷକ ବିଚିତ୍ରାନନ୍ଦ ବେବର୍ତ୍ତା ଏବଂ ପ୍ରିନ୍ସ ଡ୍ୟାନ୍ସ ଗ୍ରୁପର ପ୍ରତିଷ୍ଠାତା ତଥା ନିର୍ଦ୍ଦେଶକ ଟି. କ୍ରିଷ୍ଣା ମୋହନ ରେଡ୍ଡୀ ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟର ନିର୍ଦ୍ଦେଶକ ମନୋଜ କୁମାର କର ନିଜ ସ୍ୱାଗତ ଅଭିଭାଷଣ ଦେଇଥିଲେ। ବିଦ୍ୟାଳୟର ଅଧ୍ୟକ୍ଷା ରଞ୍ଜିତା ପଟ୍ଟନାୟକ ବାର୍ଷିକ ବିବରଣୀ ଉପସ୍ଥାପନା କରିଥିଲେ । ଗଜପତି ଜିଲାର ଏହି ବିଦ୍ୟାଳୟ ଅନ୍ୟ ବଡ଼ ବଡ଼ ସହର ପାଇଁ ଏକ ଉଦାହରଣ ବୋଲି ଗୁରୁ ବିବେକ ମହାନ୍ତି କହିଥିଲେ। କାର୍ଯ୍ୟକ୍ରମକୁ ଲିନା କର, ସ୍ୱାଗତିକା ମିଶ୍ର ପରିଚାଳନା କରିଥିଲେ। ତାପସୀ ଏବଂ ସାଇ ସ୍ୱରୂପ କାର୍ଯ୍ୟକ୍ରମକୁ ଉପସ୍ଥାପିତ କରିଥିଲେ।




## ବମକୋଇରେ 'ନୂଆ- ଓ' କାର୍ଯ୍ୟକ୍ରମ

ଦିଗପହଣ୍ଡି,୨୪।୧୨(ଅଶେଷ ନାଥ ମିଶ୍ର)- ଦିଗପହଣ୍ଡି ବ୍ଲକ ବମକୋଇ ଚିଦାନନ୍ଦ ସରସ୍ୱତୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ 'ନୂଆ-ଓ', ଯୁବ ଓଡିଶା, ନବୀନ ଓଡିଶା କାର୍ଯ୍ୟକ୍ରମ ଜରିଆରେ ଚାଲିଥିବା ଜନ ସଚେତନତା କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି। ଉକ୍ତ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଦେବଦତ୍ତ ସୁବୁଦ୍ଧିଙ୍କ ଅଧ୍ୟକ୍ଷତା ଏବଂ ନୋଡାଲ ଅଫିସର ଅଧ୍ୟାପକ ଏ.ଦୁର୍ଯ୍ୟୋଧନଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଦିଗପହଣ୍ଡି ବ୍ଲକର ପୂର୍ବତନ ଅଧ୍ୟକ୍ଷ ତଥା ଜିଲା ପରିଷଦ ସଦସ୍ୟ ବିପିନ ଚନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି ଥିଲେ। ଧନ୍ଦା ମୂଳକ ଶିକ୍ଷା ଉପନର୍ଦ୍ଦେଶକ ସୁଶାନ୍ତ ଦାସ,ଚିକିଟି ଏସଡିପିଓ ସୁଜିତ କୁମାର ନାୟକ , ସ୍ୱାମୀ ସନ୍ନିଷ୍ଠା ନନ୍ଦ ମହାରାଜ ସମ୍ମାନନୀୟ ଅତିଥି ଭାବେ ମଞ୍ଚାସନ ଥିଲେ। କାର୍ଯ୍ୟକ୍ରମ କମିଟି ସଦସ୍ୟ ଅଧ୍ୟାପକ ବିବେକାନନ୍ଦ ମହାପାତ୍ର , ଅଧ୍ୟାପିକା ତୃପ୍ତିମୟୀ ସାହୁ, ମମତା ମିଶ୍ର, ଗ୍ରନ୍ଥ ପାଳକ ହରିନାଥ ପ୍ରଧାନଙ୍କ ମିଳିତ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟାପିକା ତୃପ୍ତିମୟୀ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପକ ସୁଶୀଳ କୁମାର ପାଣିଗ୍ରାହୀ ମଞ୍ଚ ପରିଚାଳନା କରିଥିଲେ। ଅଧ୍ୟାପକ ଏ . ଦୁର୍ଯ୍ୟୋଧନ ଧନ୍ୟବାଦ ଦେଇଥିଲେ। ବିଭିନ୍ନ କ୍ରୀଡ଼ା,ସାଂସ୍କୃତିକ ନୃତ୍ୟ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## କୋଟିନଡ଼ା, ସିଦ୍ଧେଶ୍ୱରରେ ଖୋଲିଲା ଧାନମଣ୍ଡି

ଦିଗପହଣ୍ଡି,୨୪।୧୨(ଅଶେଷ ନାଥ ମିଶ୍ର) ଦିଗପହଣ୍ଡି ନିୟନ୍ତ୍ରିତ ବଜାର କମିଟି ଆନୁକୂଲ୍ୟରେ ଶୁକ୍ରବାରଠାରୁ ଦିଗପହଣ୍ଡି ବ୍ଲକର କୋଟିନଡ଼ା ଏବଂ ସିଦ୍ଧେଶ୍ୱର ପଞ୍ଚାୟତରେ ଧାନମଣ୍ଡି ଖୋଲାଯାଇଛି। ପ୍ରଥମତଃ କୋଟିନଡ଼ା ପଞ୍ଚାୟତ କାର୍ଯ୍ୟାଳୟରେ ଓମ୍ ସାଇରାମ ସ୍ୱୟଂ ସହାୟିକା ସଂଘ ଦ୍ୱାରା ପରିଚାଳିତ ଧାନ ସଂଗ୍ରହ କେନ୍ଦ୍ରରେ ଦିଗପହଣ୍ଡି ତହସିଲଦାର ଅଶୋକ କୁମାର ତ୍ରିପାଠୀ ଯୋଗଦେଇ ମଣ୍ଡିର ଶୁଭ ଉଦ୍‌ଘାଟନ କରିଥିଲେ। ଯୋଗାଣ ନିରୀକ୍ଷକ ବ୍ରଜେଶ୍ ରାୟଙ୍କ ସଂଯୋଜନାରେ ସ୍ଥାନୀୟ ସରପଞ୍ଚ ଗୀତାଞ୍ଜଳି ବେହେରା, ସମିତିସଭ୍ୟା ତମାଳ ନାୟକ, ପୂର୍ବତନ ସରପଞ୍ଚ ପ୍ରତିନିଧି ଉମା ବିଷୋୟୀ, ଓମ୍‌ସାଇରାମ ସଂଘ ସଭାନେତ୍ରୀ ବନିତା ବିଷୋୟୀ, ସମ୍ପାଦିକା ସଂଯୁକ୍ତା ସ୍ୱାଇଁ, ଆର୍‌ଏମ୍‌ସି କ୍ଷେତ୍ର ଅଧିକାରୀ ସଂଗ୍ରାମଜିତ ପାଳ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ସିଦ୍ଧେଶ୍ୱର ସେବା ସମବାୟ ସମିତିରେ ତହସିଲଦାରଙ୍କ ଦ୍ୱାରା ଧାନମଣ୍ଡି ଉଦ୍‌ଘାଟିତ ହୋଇଥିବା ବେଳେ ସରପଞ୍ଚ ବିଜୟ କୁମାର ପ୍ରଧାନ, ସିଦ୍ଧେଶ୍ୱର ପ୍ରାଥମିକ ସେବା ସମବାୟ ସଭାପତି ନିରଞ୍ଜନ ପ୍ରଧାନ, ସମ୍ପାଦକ ଗୋପାଳକୃଷ୍ଣ ଜେନା, ନିର୍ଦ୍ଦେଶକ ଗୋପାଳକୃଷ୍ଣ ମଲ୍ଲିକ, ମାଗତା ଡାକୁଆ, ମନୋରଞ୍ଜନ ଲେଙ୍କା, ବୃନ୍ଦାବନ ସେଠୀ, ବି. କାମିନୀ ରେଡ୍ଡୀ, ପ୍ରସନ୍ନ ବିଷୋୟୀ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ଚଳିତ ୨୦୨୨-୨୩ ଆର୍ଥିକ ବର୍ଷ ନିମନ୍ତେ ସରକାରଙ୍କ ଦ୍ୱାରା ମଣ୍ଡିରେ ସାଧାରଣ ଧାନର ଧାର୍ଯ୍ୟଦର କୁଇଣ୍ଟାଲ ପ୍ରତି ୨୧୮୩ ଟଙ୍କା ରହିଥିବା ବେଳେ ଗ୍ରେଡ୍-ଏ ଧାନର ମୂଲ୍ୟ ୨୨୦୩ ଟଙ୍କା ରହିଛି।

## ଶିକ୍ଷକ ମହାସଂଘ ଗଞ୍ଜାମ ଶାଖା ବୈଠକ

ବ୍ରହ୍ମପୁର,୨୪।୧୨(ଅଶୋକ କୁମାର ସାହୁ): ନିଖିଳ ଉତ୍କଳ ଶିକ୍ଷକ ମହାସଂଘ, ଗଂଜାମ ଜିଲ୍ଲା ଶାଖା କାର୍ଯ୍ୟକାରୀ କମିଟି ବୈଠକ କାର୍ଯ୍ୟକାରୀ ସଭାପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ସଂପାଦକ ଅଶୋକ କୁମାର ଦଳାଇ ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ । ଉପସ୍ଥିତ ସଦସ୍ୟବୃନ୍ଦ ଗଂଜାମ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଚାଲିଥିବା ଶିକ୍ଷକଙ୍କୁ ହଇରାଣ କରିବା ମନୋବୃତ୍ତି ଯୋଗୁଁ ସାଧାରଣ ଶିକ୍ଷକ ହନ୍ତସନ୍ତ ହେଉଥିବା କଥା କହିଥିଲେ। ବିଶେଷ କରି ଗଂଜାମ ଡିଇଓ ଶିକ୍ଷକ ମହାସଂଘକୁ ଅଣଦେଖା କରାଯାଉଥିବା ଯୋଗୁଁ ସଭାରେ ଉଦବେଗ ପ୍ରକାଶ କରାଯାଇଥିଲା ।ସାଧାରଣ ଶିକ୍ଷକଙ୍କ ସମସ୍ୟା ସମାଧାନ କରିବା ପାଇଁ ଶିକ୍ଷକ ମହାସଂଘ ସହିତ ଯୋଗାଯୋଗ କରିବା ପାଇଁ ପରାମର୍ଶ ଦିଆ ଯାଇଥିଲା। ପୁଣି ଏକ ପତ୍ର ମାଧ୍ୟମରେ ସମସ୍ୟା ଆଲୋଚନା କରିବା ପାଇଁ ଡିଇଓଙ୍କୁ ଜଣାଇବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇ ଥିଲା । ପୂର୍ବତନ ମ୍ୟୁନିସିପାଲିଟି ଶିକ୍ଷକ ଓ କର୍ମଚାରୀଙ୍କ ଚାକିରି ସମ୍ପର୍କରେ ମାନ୍ୟବର ଉଚ୍ଚ ନ୍ୟାୟାଳୟ ସକାରାତ୍ମକ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ରାଜ୍ୟ ସରକାର କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବା ଯୋଗୁଁ କ୍ଷୋଭ ପ୍ରକାଶ କରାଯାଇଥିଲା। ଏଇ ବୈଠକରେ ଯୁଗ୍ମ ସଂପାଦକ କୈଳାସ ବେହେରା ଓ ପ୍ରକାଶ ଚନ୍ଦ୍ର ପଣ୍ଡା, ଉପ ସଭାପତି ଦିଲ୍ଲୀପ କୁମାର ତ୍ରିପାଠୀ,ବଳରାମ ପଣ୍ଡା,ନିକୁଞ୍ଜ କିଶୋର ପ୍ରଧାନ, କାମେଶ୍ୱର ମହାନ୍ତି ଏବଂ ଉପଦେଷ୍ଟା ମଣ୍ଡଳୀ ସଦସ୍ୟ କାମରାଜୁ ମହାରଣା,ଶ୍ୟାମସୁନ୍ଦର ଖାଡଙ୍ଗା, ରାଜେନ୍ଦ୍ର କୁମାର ପଣ୍ଡା, ଦେବହରି ମହାନ୍ତି ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ମହାସଂଘକୁ ତୃଣମୂଳ ସ୍ତରରୁ ସୁଦୃଢ଼ କରିବା ପାଇଁ ପରାମର୍ଶ ଦେଇଥିଲେ। ଅନ୍ତର୍ଯ୍ୟାମୀ ଗୌଡ ଧନ୍ୟବାଦ ଦେଇଥିଲେ।


କାର୍ଯ୍ୟକ୍ରମରେ ଉପସ୍ଥିତ ସଦସ୍ୟ ।

## ଅଲୋଡ଼ା ପଡ଼ିଛି ସ୍ୱାମୀ ବିବେକାନନ୍ଦ ପ୍ରତିମୂର୍ତ୍ତି

ଗଞ୍ଜାମ,୨୪।୧୨(ବିଦ୍ୟାଧର ସାହୁ) ଗଞ୍ଜାମ ସହର ବଡ଼ ବଜାରରେ ଦୀର୍ଘ ବର୍ଷ ହେଲା ରହିଥିବା ସ୍ୱାମୀ ବିବେକାନନ୍ଦ ପ୍ରତିମୂର୍ତ୍ତି ଏବେ ଅଲୋଡ଼ା ହୋଇପଡିଛି। ଶୁକ୍ରବାର ଉକ୍ତ ମୂର୍ତ୍ତିକୁ ଭଙ୍ଗାଯାଇଥିବା ଯୋଗୁ ବୁଦ୍ଧିଜୀବୀ ମହଲରେ ଘୋର ଅସନ୍ତୋଷ ପ୍ରକାଶ ପାଇଛି। ଯୁବ ସମାଜ ଭାବାବେଗ ପ୍ରତି ଏହା କୁଠାରଘାତ କରିଛି ବୋଲି ସହରରେ ମତ ପ୍ରକାଶ ପାଉଛି। କେଉଁ କାରଣରୁ ଏହି ମୂର୍ତ୍ତିକୁ ଭଙ୍ଗାଯାଇଛି ତାହା ଜଣାପଡ଼ିନାହିଁ। ଜିଲା ପ୍ରଶାସନିକ କ୍ଷେତ୍ରରେ ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

## ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଯାପିତ

ରମ୍ଭା,୨୪।୧୨(ବନବାସୀ ସେଠୀ) ରାଜ୍ୟ ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ ଓ କ୍ରୀଡ଼ା ଏବଂ ଯୁବ ବ୍ୟାପାର ବିଭାଗର ମିଳିତ ସହଯୋଗରେ ଜଗନ୍ନାଥ ଡିଗ୍ରୀ ମହାବିଦ୍ୟାଳୟରେ ନୂଆ-ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ସଭାପତି ଜ୍ୟୋତି ପ୍ରକାଶ ପଣ୍ଡା ସଭାପତିତ୍ୱ କରିଥିଲେ। ସ୍ୱାଗତ ଭାଷଣ ଅଧ୍ୟକ୍ଷ ଅଭିମନ୍ୟୁ ସାହୁ ଦେଇଥିବା ବେଳେ ବିବରଣୀ ପଠନ ନୋଡାଲ ଅଫିସର ଇତିହାସ ଅଧ୍ୟାପକ ହେମନ୍ତ କୁମାର ଦାଶ କରିଥିଲେ। ପ୍ରାରମ୍ଭରେ ସାମୂହିକ ପ୍ରଦୀପ ପ୍ରଜ୍ୱଳନ ସହ ପ୍ରାରମ୍ଭିକ ସଙ୍ଗୀତ ପ୍ରିୟଙ୍କା ଦାସ ଗାନ କରିଥିଲେ। କାର୍ଯ୍ୟକ୍ରମରେ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ, ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା, ରମ୍ଭା ଏନ୍‌ଏସି ଅଧ୍ୟକ୍ଷା ମାନସୀ ସ୍ୱାଇଁ, ଯୁକ୍ତ ୨ ଅଧ୍ୟକ୍ଷ ଡ. ରଞ୍ଜନ କୁମାର ଦାଶ, ମୋ କଲେଜ କମିଟି ସଦସ୍ୟ ଚନ୍ଦ୍ରଶେଖର ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ପୁରସ୍କାର ବିତରଣରେ ଅର୍ଥନୀତି ଅଧ୍ୟାପକ ବିପିନ କୁମାର ଦାଶ, ଓଡ଼ିଆ ଅଧ୍ୟାପକ ଭାସ୍କର ଚନ୍ଦ୍ର ମୁଦୁଲି, ଇଂଲିଶ୍ ଅଧ୍ୟାପକ ବ୍ରଜମୋହନ ପଣ୍ଡା, ଅଧ୍ୟାପକ ରଞ୍ଜିତ କୁମାର ପାଣିଗ୍ରାହୀ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଭାସ୍କର ଚନ୍ଦ୍ର ମୁଦୁଲି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଖବରଦାତା ସଂଘର ବନ୍ଧୁମିଳନ

ମୋହନା,୨୪।୧୨(ମନ୍ମଥ ମିଶ୍ର) ଗଜପତି ଜିଲା ମୋହନା ବ୍ଲକରେ କାର୍ଯ୍ୟରତ ବିଭିନ୍ନ ଗଣମାଧ୍ୟମ ପ୍ରତିନିଧିମାନଙ୍କ ବନ୍ଧୁମିଳନ ସ୍ଥାନୀୟ ହରଭଙ୍ଗି ନଦୀ ତଟରେ ଅନୁଷ୍ଠିତ ହୋଇଥିଲା। ମୋହନା ଥାନା ଅଧିକାରୀ ବସନ୍ତ କୁମାର ସେଠୀ ଏବଂ ଅଡବା ଥାନା ଅଧିକାରୀ ସୁଭ୍ରାନ୍ତ କୁମାର ପଣ୍ଡା, ଏସ.ଆଇ.ଜୟକୃଷ୍ଣ ପାଣିଗ୍ରାହୀ, ଏଏସଆଇ ଏଲ ଭି ପ୍ରସାଦ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନଙ୍କୁ ସଂଘ ପକ୍ଷରୁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ସଂଘର ସଭାପତି ପଞ୍ଚାନନ ଦାସ, ଉପ ସଭାପତି ସିମଞ୍ଚାଳ ପୂଜାରୀ, ସମ୍ପାଦକ ସୁମନ ପଟ୍ଟନାୟକ, ସହସମ୍ପାଦକ ଅଂଶୁମାନ ପଣ୍ଡା, କୋଷାଧ୍ୟକ୍ଷ ପିଣ୍ଟୁ ପ୍ରଧାନଙ୍କ ସମେତ ଲକ୍ଷ୍ମଣ ଚୌଧୁରୀ, ଗଣେଶ ବିଷୋୟୀ, ମନ୍ମଥ ମିଶ୍ର, ବାଦଲ ବେହେରା, ବର୍ଷାରାଣୀ ମହାଙ୍କୁଡ, ବିମଳ କୁମାର ନାୟକ, ମୋଜେସ ରଇତ, ଦୁର୍ଯ୍ୟୋଧନ କରଡ଼ା, ବାବୁଲା ସେଠୀ, ଓମ୍ ପ୍ରସାଦ ରଥ, ମୁକ୍ତିମଣ୍ଡପ ଦଣ୍ଡସେନା କାର୍ଯ୍ୟକ୍ରମ ସମ୍ପାଦନ କରିଥିଲେ।

## କମ୍ୟୁନିଷ୍ଟ ନେତାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

ଆସିକା,୨୪।୧୨(ସୁରେନ୍ଦ୍ର ନାଥ ସାହୁ): ପୂର୍ବତନ ଆସିକା ଏମପି ତଥା ବିଧାୟକ ଦିବଙ୍ଗତ କମ୍ୟୁନିଷ୍ଟ ନେତା ଦୂତୀକୃଷ୍ଣ ପଣ୍ଡାଙ୍କ ଏକ ପ୍ରତିମୂର୍ତ୍ତି ରବିବାର ତାଙ୍କ ଭିଟାମାଟି ଆସିକା ବ୍ଲକର ଜୟପୁର ଠାରେ ଉନ୍ମୋଚନ କରାଯାଇଛି। ସ୍ୱର୍ଗତ ପଣ୍ଡାଙ୍କ ଦ୍ୱାରା ପ୍ରତିଷ୍ଠିତ ଗୌରାଙ୍ଗ ପାଠାଗାର ସମ୍ମୁଖରେ ସିପିଆଇର ଜାତୀୟ ପରିଷଦ ସମ୍ପାଦକ ମଣ୍ଡଳୀ ସଦସ୍ୟ ତଥା ବରିଷ୍ଠ କମ୍ୟୁନିଷ୍ଟ ନେତା ରାମକୃଷ୍ଣ ପଣ୍ଡା ଉନ୍ମୋଚନ କରିଥିଲେ। ଦଳର ଜିଲା ସଂପାଦକ ପ୍ରକାଶ ଚନ୍ଦ୍ର ପାତ୍ର, ରାଜ୍ୟ ସଂପାଦକ ମଣ୍ଡଳୀ ସଦସ୍ୟ ଶ୍ରୀହର୍ଷ ରଥ, ଜୋନାଲ ସଂପାଦକ ରାଜେନ୍ଦ୍ର ଦାଶ, ବିଦେଶୀ ନାହାକ, କୈଳାସ ପାତ୍ର, ନାରାୟଣ ଜେନା, ଦିଲ୍ଲୀପ ପାଣିଗ୍ରାହୀ, ବୁଲୁ ପାଣିଗ୍ରାହୀ ଉପସ୍ଥିତ ଥିଲେ। ତାଙ୍କର ସ୍ୱାର୍ଥ ଓ ସାଲିସବିହୀନ ରାଜନୈତିକ କାର୍ଯ୍ୟକଳାପ ଓ ଜନସାଧାରଣଙ୍କ ସାମୂହିକ ସ୍ୱାର୍ଥ ରକ୍ଷା ଲାଗି ତ୍ୟାଗପୂତ ଜୀବନ ସମ୍ପର୍କରେ ଆଲୋଚନା କରାଯାଇଥିଲା।

## ବ୍ଲକସ୍ତରୀୟ ଜନଜାତି ମହୋତ୍ସବ

ଖଜୁରୀପଡ଼ା ୨୪।୧୨ ( ବିଦୁର ବେହେରା ): ଆଦିବାସୀମାନଙ୍କ କଳା ସଂସ୍କୃତି ଧୀରେ ଧୀରେ ଲୋପ ପାଇବାକୁ ଯାଉଛି। ଆଜିର ଯୁବ ପିଢ଼ି ଆଧୁନିକ କଳା ସଂସ୍କୃତି ଉପରେ ରୁଚି ରଖୁଥିବାରୁ ରାଜ୍ୟ ସରକାର ପାରମ୍ପରିକ କଳା ସଂସ୍କୃତିକୁ ବଞ୍ଚେଇ ରଖିବା ପାଇଁ ଏକ ପ୍ରୟାସ ଜାରି କରିଛନ୍ତି। ସ୍ୱତନ୍ତ୍ର ଉନ୍ନୟନ ପରିଷଦ ମାଧ୍ୟମରେ ଆଦିବାସୀ ଲୋକନୃତ୍ୟ, କଳା ସଂସ୍କୃତି, ବେଶ ପୋଷାକରେ ପ୍ରତି ବ୍ଲକରେ ଜନଜାତି ମହୋତ୍ସବ ପାଳନ କରାଯାଉଛି । ଏହି ପରିପ୍ରେକ୍ଷୀରେ ବିଡ଼ିଓ ଜର୍ଜ ଡୁଙ୍ଗୁଡୁଙ୍ଗୁଙ୍କ ଅଧ୍ୟକ୍ଷତାରେ ଖଜୁରୀପଡ଼ା ବ୍ଲକ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆଠାରେ ବ୍ଲକସ୍ତରୀୟ ଜନଜାତି ସାଂସ୍କୃତିକ ମହୋତ୍ସବ ଦୁଇ ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଶନିବାର ଶତାଧିକ ଆଦିବାସୀମାନେ ପ୍ରଥମେ ମା' ସୁରଦେଇଙ୍କୁ ଦର୍ଶନ କରିବା ପରେ ମନ୍ଦିର ଠାରୁ ଏକ ମଶାଲ ଶୋଭାଯାତ୍ରା ବାହାରି ମଞ୍ଚ ସମ୍ମୁଖରେ ପହଞ୍ଚିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ରୋଦନ ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶୁଭ ଉଦଘାଟନ କରିଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ଅନୀମା କହଁର, ଉପାଧ୍ୟକ୍ଷ ଅମିତ୍ କୁମାର୍ ଦିଗାଲ, ସ୍ୱତନ୍ତ୍ର ଉନ୍ନୟନ ପରିଷଦର ସଭ୍ୟା ସ୍ୱର୍ଣ୍ଣଲତା କହଁର, ସୌଦାମିନୀ କହଁର, ଜିଲା ପରିଷଦ ସଭ୍ୟା ଉର୍ବଶୀ ଦିଗାଲ, ମମତା ମଲ୍ଲିକଙ୍କ ସହିତ ସମସ୍ତ ସରପଞ୍ଚ, ସମିତି ସଭ୍ୟ ଯୋଗ ଦେଇଥିଲେ। ସେହିପରି ଉଦଯାପନୀ ଦିବସରେ ପ୍ରକଳ୍ପ ପ୍ରଶାସକ ସମନ୍ୱିତ ଆଦିବାସୀ ଉନ୍ନୟନ ପ୍ରକଳ୍ପ ଅଧିକାରୀ ପ୍ରବୀଣ କୁମାର ବାଣୁଆ, ପଞ୍ଚାୟତ ସମିତି ଅଧ୍ୟକ୍ଷା ଅନିମା କହଁର, ଜିଲ୍ଲା ସାଂସ୍କୃତିକ ଅଧିକାରୀ ଅକ୍ଷୟ କୁମାର୍ ସେଠୀ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ସଭ୍ୟା ସ୍ୱର୍ଣ୍ଣଲତା କହଁର ଯୋଗ ଦେଇଥିଲେ। ମଞ୍ଚ ପରିଚାଳନା ପୂର୍ବତନ ବ୍ଲକ ଅଧ୍ୟକ୍ଷ ବିରେନ୍ଦ୍ର କୁମାର୍ କହଁର, ବେଂଗ୍ରିକିଆ କୁଇ ସମାଜ ସଭାପତି ରମାକାନ୍ତ ମଲ୍ଲିକ କରିଥିବା ବେଳେ କାର୍ଯ୍ୟକ୍ରମ ପରିଚାଳନା ନୋଡାଲ ଅଧିକାରୀ ମନୋଜ କୁମାର୍ ସାହୁ ଏବଂ ବ୍ଲକ ମଙ୍ଗଳ ଅଧିକାରୀ ରାଜେଶ ମୁର୍ମୁ ଦାୟିତ୍ୱ ସମ୍ପନ୍ନ କରିଥିଲେ।



ଜନଜାତି ମହୋତ୍ସବରେ ଯୋଗଦେଇଥିବା ଅତିଥି ।

